ବର୍ଷ-୨୬, ସଂଖ୍ୟା-୬୧
ଭୁବନେଶ୍ୱର
୦୩, ମାର୍ଚ୍ଚ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 61
Bhubaneswar
03 March, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com



## ଛୁଟି ଘୋଷଣା

ରଙ୍ଗର ପର୍ବ ଦୋଳ ଓ ହୋଲି ଅବସରରେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ୩ ଓ ୪ ତାରିଖ ଦୁଇ ଦିନ ବନ୍ଦ ରହୁଛି। ଏହାର ପରବର୍ତ୍ତୀ ସଂସ୍କରଣ ୬ତାରିଖରେ ପ୍ରକାଶ ପାଇବ। - ପରିଚାଳକ

## ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ସକାଳ ୬ଟା ୨୦ରୁ ହାଣ୍ଡିଛାଡ

ଭୁବନେଶ୍ୱର, ୨।୩: ଆସନ୍ତାକାଲି ଚନ୍ଦ୍ରଗ୍ରହଣ। ଦୋଳ ପୂର୍ଣ୍ଣିମା ଅବସରରେ ଲାଗୁଛି ଗ୍ରହଣ । ସକାଳ ୬ଟା ୨୦ରୁ ପାକତ୍ୟାଗ ରହିଥିବାବେଳେ ସନ୍ଧ୍ୟା ୩ଟା ୨୦ରେ ହେବ ଗ୍ରହଣ ସ୍ପର୍ଶ । ଏଥିପାଇଁ ସୂର୍ଯ୍ୟୋଦୟରୁ ଗ୍ରହଣ ଛାଡିବା ପର୍ଯ୍ୟନ୍ତ ପାକକର୍ମ ଓ ଦେବନୀତି ନିଷେଧ । ମଙ୍ଗଳବାର ଦୋଳପୂର୍ଣ୍ଣିମାରେ ଲାଗୁଛି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ । ଅପରାହ୍ଣ ୩ଟା ୨୦ରେ ହେବ ଗ୍ରହଣ ସ୍ପର୍ଶ । ଏହାର ୯ ଘଣ୍ଟା ପୂର୍ବରୁ ଅର୍ଥାତ ସକାଳ ୬ଟା ୨୦ ମିନିଟ୍ରୁ ହେବ ପାକତ୍ୟାଗ ବା ହାଣ୍ଡିଛାଡ । ସନ୍ଧ୍ୟା ୬ଟା ୪୭ ମିନିଟ୍ରେ ହେବ ସର୍ବମୋକ୍ଷ । ସୂର୍ଯ୍ୟୋଦୟରୁ ଗ୍ରହଣ ଛାଡିବା ପର୍ଯ୍ୟନ୍ତ ପାକତ୍ୟାଗ ଓ ଦେବନୀତି ନିଷେଧ ରହିଛି । ପାକତ୍ୟାଗ ସମୟରୁ ଗ୍ରହଣ ସ୍ପର୍ଶ ପର୍ଯ୍ୟନ୍ତ ଅନ୍ନ ଭୋଜନ ନିଷେଧ କରିବା ସହ ହାଲୁକା ଓ ଶୁଖିଲା ଖାଦ୍ୟ ଗ୍ରହଣ କରିବାକୁ ପାଞ୍ଜିରେ ପରାମର୍ଶ ଦିଆଯାଇଛି । ତେବେ ବୃଦ୍ଧ, ଶିଶୁ, ରୋଗୀ ଓ ଗର୍ଭବତୀଙ୍କ ପାଇଁ ଲାଗିବନି ଏହି କଟକଣା । ସନ୍ଧ୍ୟା ୬ଟା ୫୦ ମିନିଟ୍ ପରେ ସ୍ନାନ ସାରି ଦେବ ପୂଜା ଓ ଅନ୍ନଗ୍ରହଣ କରିହେବ ।ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଦ୍ୱନ୍ଦ୍ୱ ଦେଖାଦେଇଛି । ସେଥିପାଇଁ ଗ୍ରହଣ ଛାଡିବା ପରେ ଦୋଳନୀତି କରିବାକୁ ପରାମର୍ଶ ଦିଆଯାଇଛି । ଗ୍ରହଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ନୀତିକାନ୍ତି ସଅଳ କରାଯାଇଛି । ଆଜି ରାତି ୩ଟା ୩୫ରୁ ଦ୍ୱାରଫିଟା ହୋଇ ରାତି ୧୧ଟାରେ ରାତ୍ର ପହୁଡ ହେବ । ଆଜି ମେଣ୍ଢାପୋଡି ନୀତି ଦୋଳ ବେଦିରେ ଅନୁଷ୍ଠିତ ହେବ । ତେବେ ଗ୍ରହଣ ପାଇଁ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୋଳନୀତି ଏଥର ରାତିରେ ଅନୁଷ୍ଠିତ ହେବ । ରାତିସାରା ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି ।

# ୫ରେ ନାମାଙ୍କନ ଭରିବେ ବିଜେପିର ୩ ପ୍ରାର୍ଥୀ

ଭୁବନେଶ୍ୱର, ୨।୩(ମହାଭାରତ):: ରାଜ୍ୟସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ଶାସକ ବିଜେପି ଆଜି ୧୬ସେଟ୍ ଫର୍ମ ନେଇ ୩ଜଣ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇବ ବୋଲି କହି ରାଜ୍ୟସଭା ନିର୍ବାଚନକୁ ରୋଚକମୋଡକୁ ନେଇ ଆସିଛି। ଦଳ ସାମ୍ବାଦିକ ସମ୍ମିଳନୀ କରି ବିଜେଡିର 'କମନ ପ୍ରାର୍ଥୀ' ନିଷ୍ପତ୍ତିକୁ ଖୋଲାଖୋଲି ବିରୋଧ କରିବା ସହ ଆସନ୍ତା ୫ତାରିଖରେ ୩ଜଣ ପ୍ରାର୍ଥୀଙ୍କୁ ରାଜ୍ୟସଭା ନିର୍ବାଚନ ମଇଦାନକୁ ଓହ୍ଲାଇବ ବୋଲି କହିଛି। ଏସବୁ ମଧ୍ୟରେ କଂଗ୍ରେସ ସମର୍ଥିତ ବିଜେଡିର କମନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥୀତ୍ୱ ଅନିଶ୍ଚିତତା ଭିତରକୁ ଠେଲି ହୋଇଛି।

ବିଜେଡିର ରାଜ୍ୟସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କୁ ନେଇ ଦଳ ଭିତରେ ଅସନ୍ତୋଷ ଚରମସୀମାରେ ପହଂଚିଥିବାବେଳେ ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ କଂଗ୍ରେସର ଆଭିମୁଖ୍ୟ ଏବେ ବିଧାୟକ ଦଳରେ ହଟଚମଟ ସୃଷ୍ଟି କରିଥିବା ଜଣାପଡିଛି। ପିସିସି ସଭାପତିଙ୍କ ଆଭିମୁଖ୍ୟକୁ ନେଇ ଆଜିର ବୈଠକରେ କେତେକ ବିଧାୟକ ଆପତ୍ତି ଉଠାଇଥିବା ସୂଚନା ମିଳିଛି। ବିଜେଡି ଓ କଂଗ୍ରେସରେ ଥିବା ଅସନ୍ତୋଷରୁ ଫାଇଦା ଉଠାଇ ବିଜେପି ନିଜର ତୃତୀୟ ପ୍ରାର୍ଥୀ(ଚତୁର୍ଥ ଆସନ)ଙ୍କୁ ଜିତାଇବାକୁ ଦୃ ନିଶ୍ଚିତ ଥିବା ଜଣାପଡିଛି ।ବିଜେଡି ରାଜ୍ୟସଭା ଚତୁର୍ଥ ଆସନ ପାଇଁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାଁ ଘୋଷଣା କରି ତାଙ୍କୁ 'କମନ ପ୍ରାର୍ଥୀ' ଭାବେ ଉପସ୍ଥାପନ କରିବା ପରେ କଂଗ୍ରେସ ତା'ର ସମର୍ଥନ ଦେଇଥିଲା। କିନ୍ତୁ ଡାକ୍ତର ହୋତାଙ୍କୁ ନେଇ ଦୁଇଦିନ ଧରି ଚୁପ୍ ଥିବା ବିଜେପି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ପରୋକ୍ଷରେ ଏହି 'କମନ୍ ପ୍ରାର୍ଥୀ' ଫର୍ମୁଲାକୁ ଖାରଜ କରିଛି। ପ୍ରାର୍ଥୀ ଚୟନ ଓ ଘୋଷଣା ପୂର୍ବରୁ ସବୁ ରାଜନୀତିକ ଦଳ ସହ ଆଲୋଚନା କରିବା ଉଚିତ୍ ଥିଲା। କିନ୍ତୁ ବିଜେଡି ଓ କଂଗ୍ରେସ ଏକତରଫା ପ୍ରାର୍ଥୀ ଘୋଷଣା କରି ଭବିଷ୍ୟତର ବାଟ ବନ୍ଦ କରିଦେଇଛନ୍ତି। ବିଜେପି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି ଯେ, ରାଜ୍ୟସଭା ପ୍ରାର୍ଥୀ ଚୟନକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଯେଉଁ ଆଭିମୁଖ୍ୟ



ଗ୍ରହଣ କରିଛନ୍ତି, ତାହା ଗଣତନ୍ତ୍ର ପ୍ରତି ସୁସ୍ଥ ପରମ୍ପରା ନୁହେଁ। ଡାକ୍ତର ସମାଜ ପ୍ରତି ତାଙ୍କ ଦଳର ଶ୍ରଦ୍ଧା ଓ ସମ୍ମାନ ସର୍ବଦା ରହିଆସିଛି ବୋଲି କହି ଶ୍ରୀ ରାୟ ବିଜେଡି ଓ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି। ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ ସମସ୍ତ ରାଜନୈତିକ ଦଳ ସହ ଆଲୋଚନା କରିବା ଉଚିତ୍ ଥିଲା। କିନ୍ତୁ ବିଜେଡି ଓ କଂଗ୍ରେସର ଏକତରଫା ଘୋଷଣା କରିଛନ୍ତି।

ପରୋକ୍ଷରେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥୀତ୍ୱକୁ ବିଜେପି ସ୍ୱୀକାର କରୁନାହିଁ ବୋଲି ଦଳ ଆଜି ସାମ୍ବାଦିକ ସମ୍ମିଳନୀରେ ସଙ୍କେତ ଦେଇଛି ।ଦଳ ଖୁବଶୀଘ୍ର ନିଜର ରଣନୀତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଏକ ବଡ ନିଷ୍ପତ୍ତି ନେବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ ।ବିଜେପି ଆଜି କେବଳ ସମାଲୋଚନା କରି ଚୁପ୍ ବସିନାହିଁ ବରଂ ନିର୍ବାଚନ ମଇଦାନକୁ ପୁରା ଜୋରଦାର ଢଙ୍ଗରେ ଓହ୍ଲାଇବାକୁ ପ୍ରସ୍ତୁତି କରିଛି । ଦଳ ନିଜର ୫ଜଣ ବିଧାୟକଙ୍କୁ ପଠାଇ ୧୬ ସେଟ୍ ନାମାଙ୍କନ ପତ୍ର ଆଣିଛି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ଦଳର ବିଧାୟକ ଆଶ୍ରିତ ପଟ୍ଟନାୟକ, ଦୁଷ୍ମନ୍ତ ସ୍ୱାଇଁ, ରଘୁନାଥ ଜଗଦଲା ଓ ପ୍ରତାପ ନାୟକ ଏହି ନାମାଙ୍କନ ସେଟ୍ ଆଣିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସରକାରୀ ମୁଖ୍ୟ ସଚେତକ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ୧୬ସେଟ୍ ନାମାଙ୍କନ ପତ୍ର ନିଆଯାଇଛି ।ଦଳର ସଂସଦୀୟ ବୋର୍ଡର ଚୂଡାନ୍ତ ନିଷ୍ପତ୍ତି ଆସିବା ପରେ ହିଁ ନାମାଙ୍କନ ଦାଖଲ ହେବ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ରାଜ୍ୟସଭା ନିର୍ବାଚନକୁ ନେଇ ଦଳର ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଦଳର ବିଧାୟକମାନେ ଉପସ୍ଥିତ ଥିଲେ। ବିଜେପି ବିଧାୟକ ସନ୍ତୋଷ ଖଟୁଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ,ଆଜି ମୁଖ୍ୟମନ୍ତ୍ରୀ ଡାକିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଛି ।୩ ଜଣ ପ୍ରାର୍ଥୀଙ୍କ ପାଇଁ ନାମାଙ୍କନ ପତ୍ରରେ ବିଧାୟକଙ୍କ ଦସ୍ତଖତ(ପ୍ରସ୍ତାବକ) ନିଆଯାଇଛି ।୫ ତାରିଖରେ ଦଳର ୩ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବେ । ୫ତାରିଖରେ ଦଳର ସବୁ ବିଧାୟକ ଉପସ୍ଥିତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବିଜେପିର ଅସୁସ୍ଥ ପରମ୍ପରା ଅଭିଯୋଗକୁ ବିଜେଡି ବିଧାୟକ ଗଣେଶ୍ୱର ବେହେରା ସମ୍ପୂର୍ଣ୍ଣ ନିରାଧାର ବୋଲି କହିଛନ୍ତି। ବିଜେପିର ଏଭଳି ପ୍ରତିକ୍ରିୟାକୁ ବିସ୍ମୟକର ବୋଲି ଦର୍ଶାଇ ସେ ପ୍ରଶ୍ନ କରିଛନ୍ତି ଯେ, ସରକାରୀ ଦଳ ପକ୍ଷରୁ ଆଲୋଚନା ପାଇଁ କାହିଁକି ଉଦ୍ୟମ କରାଗଲା ନାହିଁ ବିଜେଡି ଯାହା କରିଛି ତାହା ସମ୍ପୂର୍ଣ୍ଣ ଠିକ୍। ବିଶେଷକରି ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରସଙ୍ଗରେ ସେ କହିଛନ୍ତି ଯେ, ସେ ବିଜେଡିର ନୁହନ୍ତି ବରଂ ବିଜେଡି ଓ କଂଗ୍ରେସର ମିଳିତ ସମର୍ଥିତ ପ୍ରାର୍ଥୀ। ଯଦି ବିଜେପିର ଡାକ୍ତର ସମାଜ ପ୍ରତି ସମ୍ମାନ ଅଛି, ତେବେ ସେମାନେ ତାଙ୍କୁ ବିରୋଧ ନକରି ସମର୍ଥନ ଜଣାଇବା ଉଚିତ୍ ବୋଲି ବିଜେଡି କହିଛି।

## ସରିଲା ପରୀକ୍ଷା, ମେ'ରେ ରେଜଲ୍ଟ

କଟକ, ୨।୩(ମହାଭାରତ): ଶେଷ ହୋଇଛି ଦଶମ ବୋର୍ଡ ପରୀକ୍ଷା। ଦୀର୍ଘ ବର୍ଷ ପରେ ତ୍ରୁଟିଶୂନ୍ୟ ଭାବେ ସରିଛି ପରୀକ୍ଷା ।ଅନ୍ୟପଟେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବଶୀଘ୍ର ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛି ବୋର୍ଡ । ଫେବ୍ରୁଆରୀ ୧୯ରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଶେଷ ହୋଇଛି । ସାଢ଼େ ପାଞ୍ଚ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭାଗ୍ୟ ପରୀକ୍ଷା ଖାତାରେ ବନ୍ଦ୍ ହୋଇଛି । ଏବେ ରେଜଲ୍ଟକୁ ଅପେକ୍ଷା । ଅନ୍ୟପଟେ ଶୀଘ୍ର ମାଟ୍ରିକ୍ ରେଜଲ୍ଟ ପ୍ରକାଶ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ । ଡଂଗଜ ଖାତା ମୂଲ୍ୟାୟନ ଆରମ୍ଭ ହୋଇ ସାରିଛି । ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ୫୧ଟି ମୂଲ୍ୟାୟନ କେନ୍ଦ୍ର ପ୍ରସ୍ତୁତ କରାଯାଇଛି ।ତ୍ରୁଟିଶୂନ୍ୟ ଭାବେ ଚଳିତ ବର୍ଷ ପରୀକ୍ଷା ଶେଷ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ । ଏଥିସହ ମେ' ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ରେଜଲ୍ଟ ବାହାରିବ ବୋଲି ସୂଚନା ଦେଇଛନ୍ତି ଏବଂ ତ୍ରୁଟି ଏଡାଇବାକୁ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନାକୁ ଚଳିତବର୍ଷ ଗୁରୁତ୍ୱ ଦିଆଯାଇଥିଲା । ପରୀକ୍ଷା କେନ୍ଦ୍ର, ନୋଡାଲ ସେଣ୍ଟରକୁ ସିସିଟିଭି ନଜରରେ ରଖିବା ସହ ତିସ୍ତରୀୟ ସ୍କାର୍ଡ ବ୍ୟବସ୍ଥା କରାଯାଇଥିଲା । ପ୍ରଶ୍ନପତ୍ର ଲିକ୍ ରୋକିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଥିଲା ।

# ମାର୍ଚ୍ଚ ଆରମ୍ଭରୁ ରେକର୍ଡ ଭାଙ୍ଗିଲା ତାତି

## ୩୮ ଡିଗ୍ରି ସହ ଦେଶର ଦ୍ୱିତୀୟ ସର୍ବୋଚ୍ଚ ଉତ୍ତପ୍ତ ସହର ଝାରସୁଗୁଡା

ଭୁବନେଶ୍ୱର, ୨।୩(ମହାଭାରତ): ବଢ଼ିଲା ତାତି, ଛୁଇଁଲା ସର୍ବୋଚ୍ଚ ତାପମାତ୍ରା । ୩୮ ଡିଗ୍ରୀ ସହ ନୂଆ ରେକର୍ଡ ଛୁଇଁଲା ଝାରସୁଗୁଡା । ରାଜ୍ୟରେ ସର୍ବାଧିକ ଓ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ହେଲା ଝାରସୁଗୁଡା । ଦେଶର ଟପ୍ ୧୦ ସହର ଭିତରେ ଭୁବନେଶ୍ୱର ରହିଛି ୬ ନମ୍ବର । ଚଳିତ ବର୍ଷ ଅସହ୍ୟ ଗରମ ଅନୁଭୂତ ହେବା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ଏବେଠୁ ଡରେଇଲାଣି ଖରା । ଦିନ ଦଶଟା ପରେ ଘରୁ ବାହାରିଲେ ଦେହ ଜଳି ପୋଡି ଗଲାଭଳି ଲାଗୁଛି । ମାର୍ଚ୍ଚ ପହିଲାରୁ ଟାଏଁ ଟାଏଁ ଖରା ଅସ୍ତବ୍ୟସ୍ତ କଲାଣି । ଚଳିତ ବର୍ଷ




ରାଜ୍ୟରେ ଗ୍ରୀଷ୍ମଲହରି ଅବଧି ଅଧିକ ରହିବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ମାର୍ଚ୍ଚରୁ ମେ ମାସ ଭିତରେ ହିଟ୍‌ୱେଭର ଦିନ ସର୍ବାଧିକ ରହିବ ବୋଲି ଆଇଏମଡି ଚେତାଇ ଦେଇଛି । ମାର୍ଚ୍ଚରୁ ମେ ମାସ ଯାଏ ସ୍ୱାଭାବିକଠାରୁ ଅଧିକ ତାତି ଦେଖିବାକୁ ମିଳିବ । ଉତ୍ତର ଓ କେନ୍ଦ୍ରୀୟ ଓଡ଼ିଶାରେ ୧୨ରୁ ୧୫ ଦିନ ଯାଏ ଗ୍ରୀଷ୍ମ ପ୍ରବାହର ଦିନ ପରିଲକ୍ଷିତ ହେବ ।ରାଜ୍ୟରେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି । କ୍ରମାଗତ ଭାବେ କିଛି କିଛି ସ୍ଥାନରେ ତାପମାତ୍ରା ବଢ଼ିବାରେ ଲାଗିଛି । ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଆଜି ୩୭ ଡିଗ୍ରୀ ପାର କରିଛି । ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ଭାବେ ୩୮ ଡିଗ୍ରୀ ରେକର୍ଡ ହୋଇଛି । ୩୭.୫ ଡିଗ୍ରି ସହ ଭୁବନେଶ୍ୱର ଅନ୍ୟତମ ଉତ୍ତପ୍ତ ସହର ପରିଣତ ହୋଇଛି ।ସେହିଭଳି ରାଜ୍ୟରେ ୫ଟି ସ୍ଥାନ ୩୬ ଡିଗ୍ରି ଓ ୧୪ଟି ସ୍ଥାନରେ ତାତି ୩୫ ଡିଗ୍ରି ଉପରେ ରହିଛି । ମାର୍ଚ୍ଚ ପ୍ରଥମ ସପ୍ତାହର ଶେଷ ଆଡ଼କୁ ତାପମାତ୍ରା ୪୦ ଡିଗ୍ରୀ ଛୁଇଁପାରେ । ବିଶେଷକରି, ଝାରସୁଗୁଡ଼ା, ସୋନପୁର, ଟିଟଲାଗଡ଼ ଓ ଭୁବନେଶ୍ୱର ଭଳି ସହରରେ ତାପମାତ୍ରା ଅଧିକ ରହିବା ନେଇ ଆକଳନ ହେଉଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷା ବିଭାଗର ଗାଇଡ୍‌ଲାଇନ୍ ଜାରିକରିଛି । ଇଣ୍ଟରନାଲ ପରୀକ୍ଷା ଓ କ୍ଲାସ୍ ଗୁଡ଼ିକ ସକାଳୁ କରାଯିବ । ଅପରାହ୍ନରେ କୌଣସି ଆଉଟଡୋର କାର୍ଯ୍ୟକ୍ରମ ରହିବନି । ପଶ୍ଚିମ ଏବଂ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ହେବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବ । ଶନିବାର ସାରା ଦେଶ ପାଇଁ ଗ୍ରୀଷ୍ମକାଳୀନ ଆକଳନ ରିପୋର୍ଟ ଆଇଏମଡି ଜାରି କରିଛି ।

# ମହାଯୁଦ୍ଧ : ଇରାନରେ ୫୫୫ ମୃତ

ତେହେରାନ, ୨।୩(ମହାଭାରତ): ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ କ୍ରମାଗତ ୩ୟ ଦିନରେ ଜାରି ରହିଛି। ଇରାନରେ ଇସ୍ରାଏଲ ଓ ଆମେରିକା କରୁଥିବା ହମଲା ଯୋଗୁ ୫୫୫ ଜଣଙ୍କ ମୃତ୍ୟୁ ଘଟି ସାରିଲି। ସେହିପରି ଇରାନର ୧୩୧ଟି ସହରରେ ଏବେ ବି ଆକ୍ରମଣ ଜାରି ରହିଛି। ଇରାନର ପାଲଟା ଆକ୍ରମଣରେ ମଧ୍ୟ ଇସ୍ରାଏଲରେ ୧୧ ଜଣଙ୍କ ଜୀବନ ଯାଇଥିବା ଇରାନୀୟ ରେଡ କ୍ରେସେଣ୍ଟ ସୋସାଇଟୀ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ରାତି ପ୍ରାୟ ୩ଟା ବେଳେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ମିଳିତ ଭାବେ ଇରାନର ରାଜଧାନୀ ତେହରାନ ସମେତ ବିଭିନ୍ନ ସ୍ଥାନରେ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଏଥିରେ ଇରାନର ସୁପ୍ରିମ ଲିଡର ଆୟୋତୁଲ୍ଲା ଅଲୀ ଖାମେନେଇଙ୍କ ସମେତ ଶତାଧିକ ବରିଷ୍ଠ କମାଣ୍ଡର ଓ ରାଜନେତାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଇରାନ ମଧ୍ୟ ପ୍ରତିଶୋଧନକୁ ପ୍ରୟାସ କରିଛି।

ଇରାନ ପକ୍ଷରୁ ମଧ୍ୟପ୍ରାଚ୍ୟ ଦେଶଗୁଡିକରେ ଥିବା ଆମେରିକାର ସେନା ଘାଟି, ଏୟାର ବେସ୍ ଓ ନୌସେନା ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଉଛି। ଇରାନ ସମର୍ଥନରେ ହେଜବୋଲ୍ଲା ଭଳି ବିଭିନ୍ନ ସଂଗଠନ ମଧ୍ୟ ଇସ୍ରାଏଲ ଉପରେ ମିସାଇଲ ଓ ଡ୍ରୋନ ମାଡ କରିଛନ୍ତି।ଏହାର ଜବାବ ମଧ୍ୟ ଇସ୍ରାଏଲ ଓ ଆମେରିକା ଦେଉଛନ୍ତି। ଏହାକୁ ନେଇ ପୂରା ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇ ଉଠିଛି। ଏସବୁ ଭିତରେ ଇରାନରେ ହୋଇଥିବା ଏୟାର ଷ୍ଟ୍ରାଇକ ଯୋଗୁ ୩ ଦିନରେ ୫୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଖବର ସାମ୍ନାକୁ ଆସିଛି।

ଇରାନ ପକ୍ଷରୁ କୁଏତ ଠାରୁ ଆରମ୍ଭ କରି ସାଉଦି ଓ



ୟୁଏଇରେ ଆକ୍ରମଣ ଜାରି ରହିଥିବାରୁ ଆମେରିକା କାଉଣ୍ଟର ଆଟାକ ଆରମ୍ଭ କରିଛି। ଆମେରିକା ଓ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ୱାଶିଂଟନ ସହ କୌଣସି ପ୍ରକାରର ବୁଝାମଣା କରାଯିବ ନାହିଁ ବୋଲି କହିଛନ୍ତି ଇରାନର ବରିଷ୍ଠ ସୁରକ୍ଷା ଅଧିକାରୀ ଅଲୀ ଲାରିଜାନି। ଅନ୍ୟପକ୍ଷରେ ବାଗଦାଦ ଏୟାରପୋର୍ଟରେ ହୋଇଥିବା ଡ୍ରୋନ ଆଟାକ ପାଇଁ ଇରାନ ସମର୍ଥିତ ଗୋଟିଏ ମିଲିସିଆ ଗ୍ରୁପ ନିଜକୁ ଦାୟୀ କରିଛି।






## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

## ଦୁବାଇ ସ୍ଥିତି ଜଣାଇଲେ ଅଭିନେତ୍ରୀ ସୋନାଲ ଚୌହାନ



ଗତକାଲି ଅଭିନେତ୍ରୀ ସୋନାଲ ଚୌହାନ ଆମେରିକା- ଇରାନ୍ ବିବାଦ ମଧ୍ୟରେ ତାଙ୍କୁ ଦୁବାଇରୁ ଫେରାଇ ଆଣିବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରିଥିଲେ । ସେ ଏବେ ଆଉ ଏକ ପୋଷ୍ଟ ଫ୍ୟାନ୍ସଙ୍କ ସହିତ ସେୟାର କରିଛନ୍ତି । ଯେଉଁଥିରେ ସେ ସୁରକ୍ଷିତ ଥିବା ସ୍ପଷ୍ଟ କରିଛନ୍ତି । ଏଥିସହିତ ସେ ଦୁବାଇର ପରିସ୍ଥିତି ସମ୍ପର୍କରେ ମଧ ସେୟାର କରିଛନ୍ତି । ତେଣୁ ଭୟଭୀତ ନହେବାକୁ ଫ୍ୟାନ୍ସଙ୍କୁ ଅନୁରୋଧ କରିଛନ୍ତି । ଦୁବାଇକୁ ବିଶ୍ୱର ସବୁଠାରୁ ସୁରକ୍ଷିତ ସ୍ଥାନ ବୋଲି କହିଛନ୍ତି ଅଭିନେତ୍ରୀ ।ଏହା ବ୍ୟତୀତ ସୋନାଲ ଚୌହାନ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀ ସେୟାର କରି ପୋଷ୍ଟରେ ଲେଖିଛନ୍ତି ଯେ, 'ମତେ ମେସେଜ କରି ମୋ ଅବସ୍ଥା ସମ୍ପର୍କରେ ପଚାରିଥିବା ସମସ୍ତ ଲୋକଙ୍କୁ ଧନ୍ୟବାଦ । ପ୍ରତିକ୍ରିୟା ନ ଦେଇପାରିଥିବାରୁ ମୁଁ ଦୁଃଖିତ । ମୁଁ ବର୍ତ୍ତମାନ ସୁରକ୍ଷିତ ଅଛି ଏବଂ ସମସ୍ତ ସୁରକ୍ଷା ପାଇଁ ମଧ ପ୍ରତିରକ୍ଷା କର୍ମଚାରୀ ନିୟୋଜିତ ଅଛନ୍ତି । ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଭୟଭୀତ ନହେବାକୁ ମଧ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି । ସମସ୍ତଙ୍କ ସୁରକ୍ଷା ପାଇଁ ମୁଁ ପ୍ରାର୍ଥନା କରୁଛି ।''ଯଦି ତାଙ୍କ କ୍ୟାରିଅର କଥା କୁହାଯାଏ ତେବେ ସେ ଇମରାନ ହାସମୀଙ୍କ ଫିଲ୍ମ ଜନ୍ନତରେ ଅଭିନୟ କରିଥିଲେ। ସେ ସାଉଥ୍ ଇଣ୍ଡିଆ ଫିଲ୍ମରେ ମଧ ଅଭିନୟ କରିଛନ୍ତି ।

## କେଉଁ ଯୋଗରେ ପାଳିବେ ହୋଲି



ହୋଲି ପର୍ବକୁ ଅତ୍ୟନ୍ତ ପବିତ୍ର ଏବଂସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ। ଏହି ବର୍ଷ, ମାର୍ଚ୍ଚ ୪ ତାରିଖରେ ସାରା ଦେଶରେ ହୋଲି ପାଳନ କରାଯିବ। ଏହି ତାରିଖକୁ ଜ୍ୟୋତିଷ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ କାରଣ ଗ୍ରହମାନଙ୍କର ସେନାପତି ମଙ୍ଗଳ କୁମ୍ଭ ରାଶିରେ ରହିବେ। ଏହି ସମୟ ମଧ୍ୟରେ, ଛାୟା ଗ୍ରହ ରାହୁ ଏହି ରାଶିରେ ଗୋଚର କରିବେ। ଫଳସ୍ୱରୂପ, ଏହି ଦୁଇଟି ଗ୍ରହ ଅଙ୍ଗାରକ ଯୋଗ ସୃଷ୍ଟି କରିବେ, ଯାହା ୨୦୨୬ ଏପ୍ରିଲ ୨ ପର୍ଯ୍ୟନ୍ତ ରହିବ ।ଜ୍ୟୋତିଷ ଶାସ୍ତ୍ରରେ, ଏହି ଯୋଗକୁ ବହୁତ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଦୁଃଖ, କ୍ରୋଧ ବୃଦ୍ଧି ଏବଂ ମାନସିକ ଅଶାନ୍ତି ସୃଷ୍ଟି କରେ ବୋଲି ବିଶ୍ୱାସ କରାଯାଏ। ଏହାର ପ୍ରଭାବ ଆର୍ଥିକ ଲାଭ, ବ୍ୟବସାୟ ବିସ୍ତାର, ଚାକିରି ସ୍ଥାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି କରିପାରେ। ଚାପ ମଧ ବୃଦ୍ଧି ପାଏ। ତେଣୁ, ହୋଲି ସମୟରେ ଏହି ଅଙ୍ଗାରକ ଯୋଗ ସୃଷ୍ଟି ହେବା ବିଷୟରେ କେଉଁ ରାଶିକୁ ସତର୍କ ରହିବା ଆବଶ୍ୟକ।

## ଗଜ ଉଦ୍ଧାରଣର କଥା



ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା'ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ 'ଶ୍ରୀମଭାଗବତ' ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର! ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମାଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୁପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତଋଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ କହିଥିଲେ- ହେ ଗଜେନ୍ଦ୍ର! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। 'ଶ୍ରୀମଭାଗବତ'ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ଉତ୍ତମ ସ୍ତ୍ରୀ'ର ୫ ସଦ୍‌ଗୁଣ





ଆଚାର୍ଯ୍ୟ ଚାଣକ୍ୟ ମନୁଷ୍ୟ ଜୀବନକୁ ସଫଳ କରିବା ପାଇଁ ଅନେକ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି। ଯେଉଁ ବ୍ୟକ୍ତି ଏହାକୁ ଅନୁସରଣ କରେ ତାର ଜୀବନରୁ ଅନେକ ସମସ୍ୟା ଦୂର ହୋଇପାରେ। ଚାଣକ୍ୟ

ନିଜର ଏକ ନୀତିରେ ସ୍ତ୍ରୀମାନଙ୍କର ୫ଟି ଗୁଣ ବିଷୟରେ ଉଲ୍ଲେଖ କରିଛନ୍ତି। ସେମାନଙ୍କ ପାଇଁ ସ୍ୱାମୀମାନେ ଭାଗ୍ୟବାନ ପାଲଟନ୍ତି ବୋଲି ସେ କହିଛନ୍ତି। ଜାଣନ୍ତୁ:

ଧାର୍ମିକ ବିଚାର ଥିବା ସ୍ତ୍ରୀ: ଚାଣକ୍ୟ ନିଜର ନୀତିରେ କହିଛନ୍ତି ଯେଉଁ ସ୍ତ୍ରୀ ଧାର୍ମିକ ହୋଇଥାନ୍ତି ସେମାନେ ସ୍ୱାମୀଙ୍କ ପାଇଁ ଭାଗ୍ୟଶାଳୀ। ଭଗବାନଙ୍କ ଉପରେ ଆସ୍ଥା ରଖୁଥିବା ସ୍ତ୍ରୀଙ୍କ ଘରେ ଭଗବାନ ବାସ କରିଥାନ୍ତି। ଯେଉଁ ଘରେ ଭଗବାନଙ୍କ ବାସ ହୋଇଥାଏ ସେଠାରେ ସୁଖ ସମୃଦ୍ଧି ରହିଥାଏ।

ସନ୍ତୋଷ ରଖୁଥିବା ସ୍ତ୍ରୀ: ଚାଣକ୍ୟ କୁହନ୍ତି ଯେଉଁ ସ୍ତ୍ରୀ ସନ୍ତୋଷ ରଖିଥାନ୍ତି ଏବଂ ଯେଉଁମାନଙ୍କର ଅଧିକ ଇଚ୍ଛା ନ ଥାଏ, ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଏପରି ସ୍ତ୍ରୀଙ୍କ ସ୍ୱାମୀ ବହୁତ ଭାଗ୍ୟଶାଳୀ ହୋଇଥାନ୍ତି।

ଧୈର୍ଯ୍ୟ ଥିବା ସ୍ତ୍ରୀ: ବ୍ୟକ୍ତିର ଜୀବନରେ ଧୈର୍ଯ୍ୟ ବହୁତ ଜରୁରୀ। ଯେଉଁ ସ୍ତ୍ରୀ ସବୁ ପରିସ୍ଥିତିରେ ଧୈର୍ଯ୍ୟ ହାରି ନ ଥାଏ, ସେ ବିପଦରୁ ମୁକ୍ତି ପାଇବାର ବାଟ ଖୋଜି ନେଇଥାଏ। ଏପରି ସ୍ତ୍ରୀ ଥିବା ସ୍ୱାମୀ ଭାଗ୍ୟଶାଳୀ ହୋଇଥାନ୍ତି।

ରାଗୁ ନ ଥିବା ସ୍ତ୍ରୀ: ରାଗିଯିବା ସ୍ୱାଭାବିକ କଥା। ହେଲେ ଅଧିକ ରାଗ ବିଲ୍‌କୁଲ ଭଲ ନୁହେଁ। ରାଗ ମଣିଷର ବଡ଼ ଶତ୍ରୁ। ଚାଣକ୍ୟ କୁହନ୍ତି ଯେଉଁ ସ୍ତ୍ରୀ କମ୍ ରାଗେ, ତାର ସ୍ୱାମୀ ଭାଗ୍ୟଶାଳୀ। କାରଣ ଏଭଳି ଲୋକଙ୍କ ଘରେ ଝଗଡ଼ା ବହୁତ କମ୍ ହୋଇଥାଏ। ଫଳରେ ଘରେ ସବୁବେଳେ ଶାନ୍ତି ରହିଥାଏ।

ମଧୁର କଥା କହୁଥିବା ସ୍ତ୍ରୀ: କଥାରେ ଅଛି ମନୁଷ୍ୟର ବାଣୀ ହିଁ ତାର ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ। ଚାଣକ୍ୟ କୁହନ୍ତି ଯେଉଁ ସ୍ତ୍ରୀ କଥା ଯେତେ ମିଠା, ତାର ସ୍ୱାମୀ ସେତେ ଭାଗ୍ୟଶାଳୀ।

## ପୂଜାରେ ପତ୍ରର ଗୁରୁତ୍ୱ

ପର୍ବପର୍ବାଣି ସମୟରେ ଏବଂ ସାଧାରଣ ପୂଜା ବେଳେ ଫୁଲ ଏବଂ ପତ୍ରର ଆବଶ୍ୟକତା ପଡ଼ିଥାଏ। ସାଧାରଣ ପୂଜା ପ୍ରସଙ୍ଗରେ ମଧ କଳସର ସ୍ଥାପନା କରାଯାଇଥାଏ । ପୂଜା ବେଳେ



କଳସ ଉପରେ ଆମ୍ବ ପତ୍ର ରଖାଯାଇଥାଏ। ମଣ୍ଡପ ଆଦିର ସଜାଇବା ସମୟରେ ଆମ୍ବ ପତ୍ର, ପଳାସ, ଜାମୁ, ବାଉଁଶ ଆଦି ପତ୍ରର ପ୍ରୟୋଗ କରାଯାଇଥାଏ। ସେହିପରି ବ୍ରତ-ଉତ୍ସବରେ, ଶିବ-ପାର୍ବତୀଙ୍କ ପୂଜା ସମୟରେ, ଏକାଦଶୀ ଏବଂ ପୂର୍ଣ୍ଣିମାର ପୂଜା ସମୟରେ, ପୂଜାପାଠ କରିବା ସମୟରେ ମଧ ବେଲପତ୍ର, ଦୁଦୁରା ତଥା ମନ୍ଦାର ପତ୍ର ବ୍ୟବହାର କରାଯାଏ। ପୂଜା-ପାଠରେ ପତ୍ରର ପ୍ରୟୋଗ ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ। ବାହାରୁ ଆସୁଥିବା ବାୟୁ ଯେତେବେଳେ ଏହି ପତ୍ରକୁ ସ୍ପର୍ଶ କରି ଘରେ ପ୍ରବେଶ କରିଥାଏ, ତାହା ବାତାବରଣରେ ସକାରାତ୍ମକ କଣିକା ଖେଳାଇ ଦେଇଥାଏ। ସକାରାତ୍ମକତା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆଣିଥାଏ। ବସନ୍ତ ଋତୁରେ ଗଛରୁ ଝଡୁଥିବା ପତ୍ର ମଧ ଉପଯୋଗୀ ହୋଇଥାଏ। ଏଗୁଡ଼ିକ ଭୂମି ଉପରେ ଖସିପଡ଼ି, ମାଟି-ପାଣିରେ ମିଶି ଖତ ଭଳି କାମ କରିଥାଏ। ଗଛ ବଢ଼ିବାରେ ପତ୍ର ସବୁଠୁ ଅଧିକ ସହାୟକ ହୋଇଥାଏ। ପତ୍ରଗୁଡ଼ିକ ଗଛ ପାଇଁ ଭୋଜନ ପ୍ରସ୍ତୁତ କରିଥାନ୍ତି। ସେଗୁଡ଼ିକ ସୂର୍ଯ୍ୟଙ୍କ ଆଲୋକକୁ ଶକ୍ତିରେ ପରିବର୍ତ୍ତନ କରିଥାନ୍ତି । ପତ୍ର ଅଙ୍ଗାରକାମ୍ଳ ବାଷ୍ପ ଶୋଷଣ କରି ଅମ୍ଳଜାନ ସଂଚରଣ କରିଥାନ୍ତି । ଦେବତାମାନଙ୍କୁ ଭୋଗ ଅର୍ପଣ କରିବା ସମୟରେ ମଧ ପତ୍ରର ଉପଯୋଗ କରାଯାଇଥାଏ। ନିମ୍ବ, ତୁଳସୀ ଆଦି ପତ୍ରର ଅନେକ ଔଷଧୀୟ ତଥା ଆଧ୍ୟାତ୍ମିକ ଗୁଣ ରହିଛି । ଏହି କାରଣୁ ଏସବୁ ବୃକ୍ଷ ଘରେ ରଖାଯାଇ ପୂଜା କରାଯାଇଥାଏ। ପତ୍ର ପ୍ରାକୃତିକ ହୋଇଥିଲେ ହେଁ ଏହା ଧର୍ମ ସହିତ ଯୋଡ଼ି ହୋଇରହିଛି ।


# ନଗରନକ୍ସା
ମହାନଗରର ନିଜ ଭାଷା




## ଯୁବପିଢ଼ିଙ୍କୁ ୱେଲଥ୍ କ୍ରିଏଟର ଭାବେ ତିଆରି କରିବା ଆମର ଲକ୍ଷ୍ୟ

**ଭୁବନେଶ୍ୱର,୨।୩ (ମହାଭାରତ):** ଅନୁଗୋଳର ଶିଳ୍ପ ସମୃଦ୍ଧିକୁ ଏକ ନୂତନ ଶିଖରରେ ପହଞ୍ଚାଇବା ସହ ଜିଲ୍ଲାରେ ଏକ ଅତ୍ୟାଧୁନିକ ବ୍ୟବସାୟିକ ବାତାବରଣ ପ୍ରସ୍ତୁତ କରିବା ଏବଂ ଯୁବପିଢ଼ିଙ୍କୁ 'ୱେଲଥ୍ କ୍ରିଏଟର' ଭାବେ ତିଆରି କରିବା ଆମର ମୂଳ ଲକ୍ଷ୍ୟ ହେବା ଦରକାର ବୋଲି ଶନିବାର ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘ(ଏଡିସିସିଆଇ)ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ ନିଜ ପୂଜ୍ୟ ପିତାଙ୍କ ସ୍ମୃତିରେ 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଣିଜ୍ୟ ଭବନ'ର ଭୂମିପୂଜନ କରିବା ସହ ଏହା ଜିଲ୍ଲାର ବ୍ୟବସାୟିକ କାରବାରକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ଆଶା ପ୍ରକଟ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ୫୦ ବର୍ଷର ସଫଳ ଯାତ୍ରା ସମଗ୍ର ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଏକ ଜ୍ୱଳନ୍ତ ପ୍ରତିଚ୍ଛବି । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅନୁଗୋଳ ଆଜି ଓଡ଼ିଶା ସମେତ ସମଗ୍ର ଭାରତର ଶିଳ୍ପ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଅନୁଗୋଳ ହେଉଛି ଏକ 'ଲଘୁ ଭାରତ'। ଏଠାରେ ଖଣି, ଖାଦାନ, କଳକାରଖାନା ସହ ବଡ଼ ବଡ଼ ବଜାର ମଧ୍ୟ ରହିଛି । କୋଇଲା, ଲୁହା, ଆଲୁମିନିୟମ ଏବଂ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଏହି ଜିଲ୍ଲା ଓଡ଼ିଶା ତଥା



ଭାରତକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛି । ବିଶେଷ କରି ବିଦ୍ୟୁତ୍ ଉତ୍ପାଦନରେ ଅନୁଗୋଳ ଦେଶର ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଏଠାରେ ଶିଳ୍ପ ସହିତ କୃଷି ଓ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଜିଲ୍ଲାର ବିକାଶ କେବଳ ଭାରୀ ଶିଳ୍ପ ମଧ୍ୟରେ ସୀମିତ ନରହି ଏହାକୁ କୃଷି, ପର୍ଯ୍ୟଟନ ଏବଂ ଏମଏସଏମଇ କ୍ଷେତ୍ରରେ ମଧ୍ୟ ସମ୍ପ୍ରସାରିତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ଜିଲ୍ଲାରେ ଥିବା ପାଖାପାଖି ୨ ଲକ୍ଷ ହେକ୍ଟର ଚାଷ ଜମିକୁ ଆଧାର କରି ଏଗ୍ରୋ-ଇଣ୍ଡଷ୍ଟ୍ରିର ପ୍ରସାର କରାଯିବା ଦରକାର । ସେହିପରି ଟିକରପଡ଼ାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ତାଳଚେର-ଅନୁଗୋଳର ହୋଟେଲ ଶିଳ୍ପକୁ ନେଇ ଏକ ଅତ୍ୟାଧୁନିକ ପର୍ଯ୍ୟଟନ ହବ୍ ତିଆରି କରିବାର ଯୋଜନା ହେବା ଦରକାର। ସ୍ଥାନୀୟ ଯୁବପିଢ଼ିଙ୍କୁ କେବଳ ଚାକିରି ପଛରେ ନଧାଇଁ ନିଜେ ମାଲିକ ବା 'ୱେଲଥ୍ କ୍ରିଏଟର' ଭାବେ ଗଢ଼ିତୋଳିବା ଆମର ମୂଳ ଉଦ୍ଦେଶ୍ୟ ହେବା ଦରକାର । ଏଥିପାଇଁ ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଘର ସହଯୋଗରେ ଜିଲ୍ଲାରେ ଏକ ଅତ୍ୟାଧୁନିକ ବ୍ୟବସାୟିକ ବାତାବରଣ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି ।

୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଏବଂ ୨୦୪୭ ର 'ବିକଶିତ ଭାରତ' ଲକ୍ଷ୍ୟ ହାସଲ କରିବାରେ ଅନୁଗୋଳର ଭୂମିକା ନିର୍ଣ୍ଣାୟକ ହେବ । ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ପରିମଳ ଓ ରୋଜଗାରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏକ ସମୃଦ୍ଧ ଅନୁଗୋଳ ଗଠନ କରାଯିବ । ସମୃଦ୍ଧ ଅନୁଗୋଳ ହିଁ ବିକଶିତ ଓଡ଼ିଶା ଓ ଏକ ସଶକ୍ତ ଭାରତ ଗଠନର ଅସଲ ମୂଳଦୁଆ ସାଜିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ, ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣିଙ୍କ ସମେତ ବହୁ ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ମୂଳ ଓଡ଼ିଆ ନାମର ହେବ ପୁନରୁଦ୍ଧାର

**ଭୁବନେଶ୍ୱର, ୨।୩ (ମହାଭାରତ):** ଓଡ଼ିଶାର ଯେଉଁ ସ୍ଥାନଗୁଡ଼ିକରେ ସରକାରୀ ଭାବରେ ବ୍ୟବହୃତ ଇଂରାଜୀ ନାମଗୁଡ଼ିକ ସେମାନଙ୍କର ପ୍ରାମାଣିକ ଓଡ଼ିଆ ନାମର ଅପଭ୍ରଂଶ ଅଟେ, ସେହି ସ୍ଥାନଗୁଡ଼ିକର ମୂଳ ଓଡ଼ିଆ ନାମ ପୁନଃସ୍ଥାପନ ସମ୍ପର୍କରେ ପ୍ରସ୍ତାବ ପଠାଇବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି କ୍ଷ ରାଜ୍ୟର ବିଭିନ୍ନ ସ୍ଥାନ ଯଥା ଜିଲ୍ଲା, ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ, ବ୍ଲକ୍ ଏବଂ ତହସିଲ, ଯେଉଁଠି ବର୍ତ୍ତମାନ ସରକାରୀ ବ୍ୟବହାରରେ ଥିବା ଇଂରାଜୀ ନାମଗୁଡ଼ିକ ସେମାନଙ୍କର ପ୍ରାମାଣିକ ଓଡ଼ିଆ ନାମକରଣର ଅପଭ୍ରଂଶ ରୂପ ଅଟେ, ସେ ସବୁ ସ୍ଥାନର ମୂଳ ଓଡ଼ିଆ ନାମଗୁଡ଼ିକୁ ଓଡ଼ିଶା ସରକାର ପୁନରୁଦ୍ଧାର କରିବାକୁ ଚାହୁଁଛନ୍ତି । ଏହିପରି ବିକୃତି, ଆମ ରାଜ୍ୟର ପ୍ରକୃତ ଭାଷାଗତ ଏବଂ ସାଂସ୍କୃତିକ ପରିଚୟକୁ ଭୁଲ୍ ଭାବରେ ପ୍ରତିପାଦନ କରୁଛି ଏବଂ ଓଡ଼ିଆ ଅସ୍ମିତାର ସାରକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ଯେପରି 'ଆଳି'' ତହସିଲର ସରକାରୀ ଇଂରାଜୀ ନାମ 'ଏୟୁଏଲ' ଅଛି, ଯାହା ବ୍ରିଟିଶ ଶାସନ ସମୟରେ ଉଚ୍ଚାରଣ ଅସୁବିଧା ଯୋଗୁଁ ପ୍ରଚଳିତ ଏକ ଭୁଲ୍ ବନାନ ଏବଂ ଏହାକୁ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢୀ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରସଙ୍ଗରେ ପୂର୍ବରୁ ସମସ୍ତ ଜିଲ୍ଲାପାଳଙ୍କ ଠାରୁ ଏକ ବିସ୍ତୃତ ରିପୋର୍ଟ ମଗାଯାଇଥିଲା ଓ ଏପର୍ଯ୍ୟନ୍ତ ୧୩ଟି ଜିଲ୍ଲାରୁ ଏହି ସମ୍ପର୍କିତ ସୂଚନା ପ୍ରାପ୍ତ ହୋଇଅଛି। ପ୍ରାପ୍ତ ରିପୋର୍ଟଗୁଡିକର ତାଲିକା ଉପରେ, ମାନ୍ୟବର ବିଧାୟକ ଓ ମାନ୍ୟବର ସାଂସଦମାନଙ୍କର ଏବଂ ସାଧାରଣ ଜନତାଙ୍କର ମତ ନିଆଯାଇଥିଲା। ତଦନୁସାରେ, ଏହି ବିଷୟରେ ବିଭିନ୍ନ ନୂତନ ପ୍ରସ୍ତାବଗୁଡ଼ିକ ମଧ୍ୟ ପ୍ରାପ୍ତ ହୋଇଅଛି। ରିପୋର୍ଟକୁ ପୁନଃ ପରୀକ୍ଷଣ କରି, ନୂତନ ପ୍ରସ୍ତାବ ସହ ସାତ ଦିନ ଭିତରେ ବିଭାଗକୁ ପ୍ରେରଣ କରିବାକୁ ଏହି ପତ୍ରରେ ଜିଲ୍ଲାପାଳଙ୍କୁ ଜଣାଯାଇଛି।

## ଏପଷ୍ଟିନ ଫାଇଲ ଆଲୋଚନାଚକ୍ର

**ଭୁବନେଶ୍ୱର, ୨।୩ (ମହାଭାରତ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଆହ୍ୱାନର ଭଗବତୀ ଭବନଠାରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ "ଏପଷ୍ଟିନ ଫାଇଲ୍" ଶୀର୍ଷକ ଆଲୋଚନାଚକ୍ରରେ ଆନ୍ତର୍ଜାତିକ ବ୍ୟାପାର ବିଶେଷଜ୍ଞ ପ୍ରଫେସର ମାନସ ବେହେରା, 'ଛାଇ' ଓଡ଼ିଶାର ସମ୍ପାଦକ ସତୀଶ ମିଶ୍ର, ସିପିଆଇର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ସିଆଇ (ଏମ୍ଏଲ) ଲିବରେସନ ରାଜ୍ୟ ନେତା ରାଧାକାନ୍ତ ସେଠୀ, ଏସୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଯୋଗଦେଇ ତାଙ୍କ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରରେ ବକ୍ତାମାନେ ଆଲୋଚନା କରି ସଂସଦରେ ସ୍ୱତନ୍ତ୍ର ଆଲୋଚନା ସହ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଜେଫ୍ରି ଏପଷ୍ଟିନ ଫାଇଲରେ ନାମ ଥିବାରୁ ସଂସଦରେ ପକ୍ଷ ରଖନ୍ତୁ, ମନ୍ତ୍ରୀ ହରଦୀପ ସିଂହ ପୁରୀ ଅବିଳମ୍ୱେ ମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ମନ୍ତ୍ରୀ ଓ ଅନୀଲ ଅମ୍ବାନୀଙ୍କୁ ଗିରଫ କରିବା ଓ ସମଗ୍ର ଘଟଣାର ସାମଗ୍ରିକ ତଦନ୍ତ ପାଇଁ ସରକାର ସଂସଦରେ ଘୋଷଣା କରନ୍ତୁ ଦାବିକରି ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ଅଶୋକ ଦାଶ, ଦାମୋଦର ବେହେରା, ରମଣୀରଞ୍ଜନ ରାଉତରାୟ, ସୁର ଜେନା, ସିପିଆଇ (ଏମ୍ଏଲ)ର ମହେନ୍ଦ୍ର ପରିଡ଼ା, ଉତ୍କଳ ମହିଳା ସମିତିର ବନଲତା ଜେନା, ଏଆଇଏସଏଫର ସଂଘମିତ୍ରା ଜେନା, କାହ୍ନୁଚରଣ ପରିଡ଼ା, ରାଜାରାମ ଡଙ୍ଗରି ପ୍ରମୁଖ ଚର୍ଚ୍ଚାକୁ ସମୃଦ୍ଧ କରିଥିଲେ।

## ବିକଶିତ ଓଡ଼ିଶା ପାଇଁ ସୁରକ୍ଷା-ଭିତିକ ପ୍ରଗତିର ରୂପରେଖ ପ୍ରସ୍ତୁତ

**ଭୁବନେଶ୍ୱର, ୨।୩ (ମହାଭାରତ):** ଯୋଜନା ଓ ସଂଯୋଜନ ବିଭାଗ ଏବଂ ଓଡ଼ିଶା ସେଂଟର ଫର ଇଣ୍ଟିଗ୍ରେଟେଡ ଡେଭେଲପମେଂଟ (ଓସିଆଇଡି) ର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବିକାଶ ମନ୍ଥନ ୧.୦ – ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ'ର ଦ୍ୱିତୀୟ ଦିବସ, "ସୁରକ୍ଷିତ ଓଡ଼ିଶା" ଶୀର୍ଷକ ପୂର୍ଣ୍ଣାଙ୍ଗ ଅଧିବେଶନ ସହିତ ଆରମ୍ଭ ହୋଇଥିଲା । ଏହି ଅବସରରେ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନେ ଏକ ସୁରକ୍ଷିତ, ସ୍ଥିତିସ୍ଥାପକ (ରେଜିଲିଏଂଟ ) ଭବିଷ୍ୟତ ପାଇଁ ପ୍ରସ୍ତୁତ ରାଜ୍ୟ ଗଠନର ବିଭିନ୍ନ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। 'ବିକଶିତ ଓଡ଼ିଶା'ର ସଂକଳ୍ପକୁ ସାକାର କରିବା ପାଇଁ ଅଭିବୃଦ୍ଧି ସହିତ ସୁରକ୍ଷା ବ୍ୟବସ୍ଥାକୁ ସମନ୍ୱିତ କରିବା ସରକାରଙ୍କର ମୁଖ୍ୟ ଆଭିମୁଖ୍ୟ ବୋଲି ଏହି ଅଧିବେଶନରେ ଦର୍ଶାଯାଇଥିଲା ।ଏହି ଆଲୋଚନା ମୁଖ୍ୟତଃ ପାଞ୍ଚଟି ରଣନୈତିକ ପ୍ରସଙ୍ଗ ଉପରେ ଆଧାରିତ ଥିଲା— ବିକଶିତ ଓଡ଼ିଶା ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା



ଶାସନର ସୁଦୃଢ଼ୀକରଣ, ବିପର୍ଯ୍ୟୟ ପରିଚାଳନା ଏବଂ ସ୍ଥାୟୀ ଭିତିଭୂମି, ଶକ୍ତି ଏବଂ ସ୍ଥାୟୀ ବିକାଶ, ଆର୍ଥିକ ଶୃଙ୍ଖଳା ଓ ଅଭିନବ ପୁଞ୍ଜି ବିନିଯୋଗ, ସ୍ଥାୟୀ ଖଣିଜ ଉତୋଳନ ଓ ଧାତବ ଶିଳ୍ପ। ଏହି ପ୍ରସଙ୍ଗଗୁଡ଼ିକ ଉପରେ ଏକ ସମନ୍ୱିତ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତି ପ୍ରଣୟନ ଉପରେ ଗୁରୁତ୍ୱ ଦିଆଯାଇଛି ।ପୂର୍ବତନ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ପ୍ରକାଶ ମିଶ୍ରଙ୍କ ଦ୍ୱାରା ଅଧିବେଶନଟି ସଂଚାଳିତ ହୋଇଥିବାବେଳେ ଜେଏନୟୁ ର ସ୍କୁଲ୍ ଅଫ୍ ଇଂଟରନ୍ୟାସନାଲ୍ ଷ୍ଟଡିଜ୍ ର ପ୍ରଫେସର ନଳିନ କୁମାର ମହାପାତ୍ର ସହ-ସଂଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅଧିବେଶନରେ ପାଞ୍ଚଟି ବିଷୟବସ୍ତୁ ଉପରେ ଉପସ୍ଥାପନା କରାଯାଇଥିଲା।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ମତ ରଖିଥିଲେ ଯେ, 'ସମୃଦ୍ଧ ଓଡ଼ିଶା'ର ମାର୍ଗ 'ସୁରକ୍ଷିତ ଓଡ଼ିଶା' ଦେଇ ଗତି କରିଥାଏ। ସାମାଜିକ ସଂହତି ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ, 'ସଂସ୍କୃତି' ଆଭ୍ୟନ୍ତରୀଣ ସୁରକ୍ଷାର ପ୍ରଥମ ସୀମା ଗଠନ କରେ। ସେ ଦର୍ଶାଇଥିଲେ ଯେ, ଦୃଢ଼ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ,ନିବେଶ, ଅଭିବୃଦ୍ଧି ଏବଂ ଜମି, ଶ୍ରମ, ପୁଞ୍ଜି ଓ ପ୍ରଯୁକ୍ତିବିଦ୍ୟାର ଦକ୍ଷ ସମନ୍ୱୟ ପାଇଁ ଏକ ସ୍ଥିର ପରିବେଶ ସୃଷ୍ଟି କରିଥାଏ ଏବଂ ଆର୍ଥିକ ଦୃଷ୍ଟିରୁ ଓଡ଼ିଶା କିପରି ଅଗ୍ରସର ହେବ ସେ ଦିଗରେ ମଧ୍ୟ ଆଲୋଚନା କରିଥିଲେ। ଅଧିବେଶନର ଆଲୋଚନା ଅନୁଯାୟୀ, ଦ୍ରୁତ ବିକାଶ ପାଇଁ ଜମି, ଶ୍ରମ, ପୁଞ୍ଜି ଏବଂ ପ୍ରଯୁକ୍ତିବିଦ୍ୟାର ସଠିକ ବିନିଯୋଗ ନିମନ୍ତେ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଅପରିହାର୍ଯ୍ୟ। ବର୍ତ୍ତମାନର ଡିଜିଟାଲ୍ ଶାସନ ବ୍ୟବସ୍ଥାରେ 'ସାଇବର ସୁରକ୍ଷା'ର ଗୁରୁତ୍ୱ ଦିନକୁ ଦିନ ବଢୁଥିବାରୁ, ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସହିତ ବ୍ୟାପକ ସଚେତନତା ଏବଂ ପ୍ରତିଷ୍ଠାନିକ ପ୍ରସ୍ତୁତି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା, ସ୍ୱଚ୍ଛ ଓ ସ୍ଥାୟୀ ଶକ୍ତି ଉତ୍ସକୁ ପ୍ରୋତ୍ସାହନ ଦେବା, ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ସହ ନୂତନ ଆର୍ଥିକ ମାଧ୍ୟମର ଉପଯୋଗ ଏବଂ ଦାୟିତ୍ୱବାନ ଖଣିଜ ସମ୍ପଦ ଉପଯୋଗ ଉପରେ ଆଲୋକପାତ କରାଯାଇଥିଲା। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ସମ୍ପଦର ସଠିକ ପରିଚାଳନା ଏବଂ ସ୍ଥିତିସ୍ଥାପକତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ଏଠାରେ ଏକମତ ପ୍ରକାଶ ପାଇଥିଲା।

## ୟୁ-ଡାଇସ୍ ପ୍ଲସ୍ ଜାତୀୟ କର୍ମଶାଳା ଉଦଯାପିତ

**ଭୁବନେଶ୍ୱର,୨।୩ (ମହାଭାରତ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗର ମିଳିତ ଆନୁକୂଲ୍ୟରେ ଦୁଇ ଦିବସୀୟ ୟୁ-ଡାଇସ୍ ପ୍ଲସ୍ ସମ୍ପର୍କିତ ଜାତୀୟ କର୍ମଶାଳା ଆଜି ଉଦଯାପିତ ହୋଇଛି । ଦ୍ୱିତୀୟ ଦିନରେ ବିଭିନ୍ନ ରାଜ୍ୟ ସେମାନଙ୍କ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତମ ପଦକ୍ଷେପ ଗୁଡ଼ିକୁ ଉପସ୍ଥାପିତ କରିଥିଲେ ଏବଂ ଡାଟା ସଂରକ୍ଷଣ ଫ୍ରେମୱାର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ।

କେରଳ, ଉତରପ୍ରଦେଶ, କର୍ଣ୍ଣାଟକ, ତେଲେଙ୍ଗାନା, ମଣିପୁର ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟ ୟୁ-ଡାଇସ୍ ପ୍ଲସ୍ ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଓ ପରିଚାଳନା ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପସ୍ଥାପନ କରିଥିଲେ । ଡ଼ାଟାର ଗୁଣବତାକୁ ଉନ୍ନତ କରିବା, ସିଷ୍ଟମ ମଧ୍ୟରେ ସମୟାନୁସାରେ ରିପୋର୍ଟିଂ ସୁନିଶ୍ଚିତ କରିବା




ଏବଂ ସଠିକ୍ ଡାଟା ସଂଗ୍ରହକୁ ସୁଦୃଢ଼ କରିବା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା।

ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ ୟୁ-ଡାଇସ୍ ପ୍ଲସ୍ କୁ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରିବା ସହ ପ୍ରମାଣ-ଆଧାରିତ ଯୋଜନା ଓ ନୀତି ଗଠନକୁ ସମର୍ଥନ କରିବା ପାଇଁ ଶିକ୍ଷାଗତ ତଥ୍ୟ ବ୍ୟବସ୍ଥାରେ ନିରନ୍ତର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଟଉଓଝର+ ଡାଟା କ୍ୟାପଚର ଫର୍ମାଟକୁ ଅଧିକ ବ୍ୟାପକ କରିବା ନିମନ୍ତେ ରାଜ୍ୟର ଆବଶ୍ୟକତା ଏବଂ ପରାମର୍ଶ ଉପରେ ମଧ୍ୟ ଆଲୋଚନା କରାଯାଇଛି । ସିବିଏସଇ, ଏନଆଇଓଏସ୍, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଏବଂ ଗୋଆ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରି ଡାଟା ସିଷ୍ଟମରେ ଅଧିକ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁ-ଡାଇସ୍ ପ୍ଲସ୍‌କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାରେ ବିଭିନ୍ନ ଅବଦାନ ପାଇଁ ବିଭିନ୍ନ ରାଜ୍ୟ ଏବଂ ଶିକ୍ଷା ବୋର୍ଡ଼ର ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀମତୀ ସି. ଏଚ୍ ବିଜୟଲକ୍ଷ୍ମୀ ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷା ମନ୍ତ୍ରାଳୟର ଉପନିର୍ଦ୍ଦେଶକ ଆରତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ହୋର୍ଡିଂ ପରିଚାଳନା ନେଇ ବିଏମ୍‌ସିର ବୈଠକ

**ଭୁବନେଶ୍ୱର, ୨।୩ (ମହାଭାରତ):** ପ୍ରତ୍ୟେକ ହୋର୍ଡିଂର ହେବ ତୃତୀୟ ପକ୍ଷ ଇନସ୍ୟୁରାନ୍ସ । ସୁସଂହତ ହେବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଂଚଳରେ ହୋର୍ଡିଂ ବ୍ୟବସ୍ଥା । କମିଶନର ଶ୍ରୀ ଚଂଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଶ୍ରୀ ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନୁବନ୍ଧିତ ବିଜ୍ଞାପନ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଆଜି ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମସ୍ତ ଅନୁବନ୍ଧିତ ସଂସ୍ଥାଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂଗୁଡ଼ିକର ସ୍ଥାୟୀତ୍ୱ ପ୍ରମାଣପତ୍ର ଦେବା ପାଇଁ ଆଲୋଚନା ହୋଇଯାଇଛି । ସମସ୍ତ ହୋର୍ଡିଂ ଷ୍ଟ୍ରକଚର କିପରି ପରିଚାଳନା, ଦେଖାଶୁଣା ଓ ସୁରକ୍ଷା କିପରି ହେଉଛି, ତାହାର ପ୍ରାମାଣିକ ବିବରଣୀ ଦେବାକୁ ମଧ୍ୟ କୁହାଯାଇଛି । ଏହି ଅବସରରେ ସମସ୍ତେ ନିଜ ନିଜର ହୋର୍ଡିଂଗୁଡିକୁ ସମୀକ୍ଷା କରି ଏହାର ସ୍ଥିତି କିପରି ଅଛି, ତାହା ଜଣାଇବାକୁ ବିଏମ୍ ସି ପକ୍ଷରୁ କୁହାଯାଇଛି । ମରାଯାଇଥିବା ହୋର୍ଡିଂଗୁଡିକରେ ନିଜ ସଂସ୍ଥାର ନାମ ଲେଖିବାକୁ ମଧ୍ୟ କୁହାଯାଇଛି । ପ୍ରତ୍ୟେକ ଏଜେନ୍ସି ସବୁ ହୋର୍ଡିଂର ଥାର୍ଡ ପାର୍ଟି ଇନସ୍ୟୁରାନ୍ସ କରିବାକୁ କୁହାଯାଇଛି । ଜନ ସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯଦି କୌଣସି ହୋର୍ଡିଂରେ ଫ୍ଲେକ୍ସ ଇତ୍ୟାଦି ଛିଡିକରି ଉଡେ, ତେବେ ସେଗୁଡିକୁ ସଂଗେ ସଂଗେ କାଟିଦେବା ପାଇଁ କୁହାଯାଇଛି । ତେବେ ଆବଶ୍ୟକୀୟ ସ୍ଥଳେ, ସୁରକ୍ଷା ଦୃଷ୍ଟିରୁ ହୋର୍ଡିଂଗୁଡିକୁ ହଟାଇ ଦେବାପାଇଁ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁଭାରମ୍ଭ

**ଭୁବନେଶ୍ୱର, ୨।୩ (ମହାଭାରତ):** ଜିଲ୍ଲା ପ୍ରଶାସନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଆଜି ଏକ ବୃହତ ଦୁଇ ଦିନିଆ 'ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାନ୍ୟବର ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ ।ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହି ମେଳାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ମେଳାରେ ଝାରସୁଗୁଡ଼ା ଜିଲ୍ଲାର ୫ଟି ପ୍ରମୁଖ ବ୍ଲକ ଯଥା— ଲାଇକେରା, କିର୍ମିରା, ଝାରସୁଗୁଡ଼ା, ଲଖନପୁର ଏବଂ କୋଲାବିରାରୁ ୫୦୦ରୁ ଅଧିକ ସଫଳ ଚାଷୀ, ପଶୁପାଳକ ଏବଂ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ। ସଭାକୁ ସମ୍ବୋଧିତ କରି ମାନ୍ୟବର ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଚାଷୀଙ୍କ ପାଇଁ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ କହିଥିଲେ ଯେ, 'ଓଡ଼ିଶାର ବର୍ତ୍ତମାନର ସରକାର ହେଉଛି ଜନସାଧାରଣଙ୍କ ସରକାର ଏବଂ ଚାଷୀଙ୍କ ବିକାଶ ପାଇଁ ଆମେ ସର୍ବଦା 'ପ୍ରୋ-ଆକ୍ଟିଭ୍' ଭାବେ କାର୍ଯ୍ୟ କରୁଛୁ। ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ କେବଳ ଏକ ପାରମ୍ପରିକ ଜୀବିକା ନୁହେଁ, ବରଂ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଆଧାର। ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ଶେଷ ଧାଡ଼ିରେ ଥିବା ଚାଷୀଙ୍କ ପାଖରେ ସରକାରୀ ଯୋଜନା ଓ ସାହାଯ୍ୟ ପହଞ୍ଚାଇବା, ଯେପରି ପ୍ରତିଟି ଗ୍ରାମୀଣ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବେ। ଆମ ରାଜ୍ୟର କୃଷକ ମାନେ ହେଉଛନ୍ତି ନୂତନ ଓଡ଼ିଶାର ବିଧାଣୀ।'ଏହି ଜିଲ୍ଲାସ୍ତରୀୟ ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ବିଭିନ୍ନ ବିଭାଗ ପକ୍ଷରୁ ସ୍ଥାପିତ ୨୦ରୁ ଅଧିକ ପ୍ରଦର୍ଶନୀ ଷ୍ଟଲ୍, ଯାହା ଚାଷୀମାନଙ୍କୁ ସରକାରୀ ଯୋଜନା ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ସହ ସିଧାସଳଖ ଯୋଡ଼ିବାରେ ସଫଳ ହୋଇଥିଲା। ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ଟି ସ୍ୱତନ୍ତ୍ର ପଞ୍ଜିକରଣ ଓ ପରାମର୍ଶ କେନ୍ଦ୍ର ଖୋଲାଯାଇ ଚାଷୀଙ୍କ ସମସ୍ୟାର ସମାଧାନ କରାଯାଇଥିବା ବେଳେ ୫ଟି କାଉଣ୍ଟରରେ ଜୀବନ୍ତ ପଶୁ ଓ ମାଛ ଚାଷର 'ଲାଇଭ୍ ଡେମୋନଷ୍ଟ୍ରେସନ' ମାଧ୍ୟମରେ ଆଧୁନିକ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଆର୍ଥିକ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ଝଈଓ ପକ୍ଷରୁ ଆର୍ଥିକ ସାକ୍ଷରତା ଶିବିର ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସ୍ୱତନ୍ତ୍ର ଷ୍ଟଲ୍ ଜରିଆରେ ସରକାରୀ ସହାୟତା ଓ ଋଣ ସୁବିଧା ବିଷୟରେ ବୁଝାଯାଇଥିଲା। ଏଥିସହ କୃଷି ବିଜ୍ଞାନ କେନ୍ଦ୍ର, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ଓ ଓମଫେଡ୍ ଭଳି ବିଭିନ୍ନ ବିଭାଗ ପକ୍ଷରୁ ନୂତନ ଜ୍ଞାନକୌଶଳ ପ୍ରଦର୍ଶିତ ହେବା ସହ ମା' ସରସ୍ୱତୀ ମିଶନ ଶକ୍ତି ଗ୍ରୁପ୍ ପକ୍ଷରୁ ମହିଳା ଉଦ୍ୟୋଗୀଙ୍କ ସଫଳ ମଡେଲ୍ ଉପସ୍ଥାପନ କରାଯାଇଥିଲା ।ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୟା ସାଗର ଦୁରିଆଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ସଭାର ଶେଷ ପର୍ଯ୍ୟାୟରେ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ବିଜ୍ଞାନ ଏକାଡେମୀ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ

**ଭୁବନେଶ୍ୱର,୨।୩ (ମହାଭାରତ):** ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଶନିବାର ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଜାତୀୟ ବିଜ୍ଞାନ ଦିବସ-୨୦୨୬ ମହାସମାରୋହରେ ପାଳିତ ହୋଇଛି। ଶିକ୍ଷାବିତ୍ ତଥା ପରିବେଶବିତ୍ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ବିଜ୍ଞାନରେ ମହିଳା : ବିକଶିତ ଭାରତର ଅନୁପ୍ରେରକ" ସମ୍ବନ୍ଧରେ ସେ ଛାତ୍ରଛାତ୍ରୀମାନଙ୍କୁ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଓଡ଼ିଶା ବିଜ୍ଞାନ ଏକାଡେମୀର ସଚିବ ଶ୍ରୀମତୀ ଶିବାନୀ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ରାଜ୍ୟରେ ବିଜ୍ଞାନ ଶିକ୍ଷାର ପ୍ରସାର କ୍ଷେତ୍ରରେ ଓଡ଼ିଶା ବିଜ୍ଞାନ ଏକାଡେମୀର ଭୂମିକା ଓ ବିଭିନ୍ନ କାର୍ଯ୍ୟକ୍ରମ



ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଅନୁଶାସନ ସଚିବ ଶ୍ରୀ ପଦ୍ମଲୋଚନ ଦାସ ଏବଂ ସହ ଉପବିଭାଗ ଅଧିକାରୀ ସୁଶ୍ରୀ ଜ୍ୟୋତ୍ସ୍ନା ନନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଏକାଡେମୀ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ' ଓ 'ସାଇନ୍ସ ହରାଇଜନ୍' ପତ୍ରିକା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକାଡେମୀ ପକ୍ଷରୁ ପ୍ରବନ୍ଧ, ତର୍କ, କୁଇଜ୍ ଓ ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ୧୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ମୃତ୍ୟୁ ଦଣ୍ଡର ବିକଳ୍ପ

ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି କେନ୍ଦ୍ର ସରକାରଚାହିଁବେ ତେବେ ମୃତ୍ୟୁ ଦଣ୍ଡର ବିକଳ୍ପ ବ୍ୟବସ୍ଥା ହୋଇପାରିବ। ଦଣ୍ଡାଦେଶ ପାଇଥିବା ବ୍ୟକ୍ତିକୁ ତାଙ୍କର ଇଚ୍ଛାନୁଯାୟୀ ମୃତ୍ୟୁ ମିଳିବା ଉଚିତ। କହିବା ବାହୁଲ୍ୟ ଯେ, ମୃତ୍ୟୁଦଣ୍ଡ ବା ଫାଶୀକୁ ନେଇ ଅନେକ ବର୍ଷ ହେବ ବିତର୍କ ଚାଲିଛି। ଫାଶୀ ଦଣ୍ଡ ବ୍ୟବସ୍ଥାକୁ ଉଠାଇଦେବା ପାଇଁ ଅନେକ ମାନବାଧିକାର ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଦାବି କରି ଆସୁଛନ୍ତି। ଏହା ଏକ ବର୍ବରତା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ପୃଥିବୀର ଅନେକ ଦେଶ ମୃତ୍ୟୁଦଣ୍ଡକୁ ପ୍ରତ୍ୟାହାର କରିଛନ୍ତି। ଭାରତରେ ଏହା କାଏମ ରହିଛି ସତ, ମାତ୍ର ଖୁବ କମ ଅପରାଧିଙ୍କୁ ଏହି ଦଣ୍ଡ ମିଳୁଛି। କେବଳ ବିରଳରୁ ବିରଳତମ ଅପରାଧ କ୍ଷେତ୍ରରେ ଏହି ଦଣ୍ଡାଦେଶ ଦିଆଯାଉଛି। ସବୁ ହତ୍ୟା ମାମଲାରେ ଆଇପିସିର ଦଫା ୩୦୨ ଲାଗୁଛି। କିନ୍ତୁ ସବୁ ବେଳେ ୩୦୨ ଲାଗିଲେ ଫାଶୀ ହେବ ବୋଲି କୁହାଯାଇପାରିବ ନାହିଁ। ସେଠାରେ ହତ୍ୟାକାଣ୍ଡ ଏକ ଆକସ୍ମିକ ପ୍ରତିକ୍ରିୟା ନା ସୁପରିକଳ୍ପିତ ଷଡ଼ଯନ୍ତ୍ର ବା କୋଲ୍ଡ ବ୍ଲଡେଡ ମର୍ଡର ସେ ସମ୍ପର୍କରେ କୋର୍ଟ ତର୍ଜମା କରୁଛନ୍ତି। ପୁଣି ହତ୍ୟାର ଉଦ୍ଦେଶ୍ୟ, ବର୍ବରତା ସମ୍ପର୍କରେ ମଧ୍ୟ ତର୍ଜମା କରାଯାଉଛି। ଯଦି ହତ୍ୟାର ପଛରେ ଦେଶବିରୋଧୀ ଷଡ଼ଯନ୍ତ୍ର ରହିଥାଏ ତେବେ ଏହାକୁ ଏକ ବିରଳ ଅପରାଧ ବୋଲି ବିବେଚନା କରାଯିବ। ଯଦି ଏକ ବା ଏକାଧିକ ଶିଶୁ, ମହିଳାଙ୍କୁ ଅତି ନିର୍ମମ ବା ବର୍ବରଭାବେ ହତ୍ୟା କରାଯାଇଥିବ ତେବେ ତାହା ମଧ୍ୟ ଏକ ବିରଳ ମାମଲା ବୋଲି ବିଚାର କରାଯିବ। ଜଣଙ୍କୁ ଗୁଳି କରି ହତ୍ୟା କରିବା ଏବଂ ହାତକୁ ପଛରେ ବାନ୍ଧି ଗଳାକାଟି ଛଟପଟ କରି ମାରିବା ଭିତରେ ଅନେକ ତଫାତ ରହିଛି। ଏସବୁ ବିଷୟକୁ ବିଚାର କରି କୋର୍ଟ ଅଭିଯୁକ୍ତକୁ ଫାଶୀ ନଚେତ ଆଜୀବନ କାରାଦଣ୍ଡାଦେଶ ଦିଅନ୍ତି। ଅନେକ ଅଭିଯୁକ୍ତ ତଳ କୋର୍ଟରେ ଫାଶୀ ଦଣ୍ଡାଦେଶ ପାଇଥିଲେ ମଧ୍ୟ ଉପରକୋର୍ଟରେ ଏଥିରୁ ମୁକ୍ତି ପାଇଯାଆନ୍ତି ବା ଦଣ୍ଡ କୋହଳ କରାଯାଇଥାଏ। ଅନେକ ଅଭିଯୁକ୍ତ ଜେଲରେ ୮/୧୦ ବର୍ଷ ରହିବା ସତ୍ତ୍ୱେ ସେମାନଙ୍କ ବିଚାର ପ୍ରକ୍ରିୟା (ସୁପ୍ରିମକୋର୍ଟ ପର୍ଯ୍ୟନ୍ତ) ଶେଷ ହୋଇନଥାଏ। ସେଭଳି କ୍ଷେତ୍ରରେ କୋର୍ଟ ଫାଶୀ ଦଣ୍ଡାଦେଶକୁ ଆଜୀବନ ଜେଲରେ ପରିବର୍ତ୍ତନ କରିବାର ନଜିର ରହିଛି। ଭାରତୀୟ ଦଣ୍ଡବିଧି ଆଇନର ମୂଳ ନୀତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇଯାଆନ୍ତୁ, ଜଣେ ନିର୍ଦ୍ଦୋଷ କିନ୍ତୁ ଦଣ୍ଡନପାଉ। ଏଥିପାଇଁ ଅଭିଯୁକ୍ତଙ୍କ ବିରୋଧରେ ଶତ ପ୍ରତିଶତ ପ୍ରମାଣ ନମିଳିଲେ କୋର୍ଟ ବେନିଫିଟ ଅଫ ଡାଉଟ ଆଧାରରେ ଅଭିଯୁକ୍ତଙ୍କୁ ଖଲାସ କରନ୍ତି। ମୋଟ ଉପରେ ଭାରତରେ ହତ୍ୟା ମାମଲା ସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ଫାଶୀ ବା ମୃତ୍ୟୁ ଦଣ୍ଡ ଖୁବ କମ ଦେଖିବାକୁ ମିଳିଥାଏ। ଅଭିଯୁକ୍ତ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼ନ୍ତି। ତା ପରେ ରାଜକ୍ଷମା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବାର ନଜିର ମଧ୍ୟ ରହିଛି। ତେଣୁ ଭାରତରେ ସହଜରେ ଜଣେ ଅପରାଧିକୁ ଫାଶୀ ଦଣ୍ଡ ମିଳିନଥାଏ। ଜଣେ ଅପରାଧି ଯଦି ଜେଲରେ ରହିବା ପରେ ତାଙ୍କ ଆଚାରବିଚାରରେ ସୁଧାର ଆସେ ତେବେ କୋର୍ଟ ଏହାକୁ ବିଚାର କରି ଦଣ୍ଡ କୋହଳ କରନ୍ତି। କିନ୍ତୁ କେତେକ ଦେଶରେ ଅତି ସାଧାରଣ ଅପରାଧ ପାଇଁ ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବାର ନଜିର ରହିଛି। କମ୍ୟୁନିଷ୍ଟ ଦେଶରେ ଏହା ଅଧିକ ଦେଖାଯାଇଥାଏ। ଚୀନ, ଉତ୍ତରକୋରିଆ, ଋଷିଆ ଏବଂ କେତେକ ଇସଲାମିକ ଦେଶ ବିଶେଷ କରି ସାଉଦୀ ଆରବ, ୟୁଏଇ, ଇରାନ, ଇରାକ, ସିରିଆ ଭଳି ଦେଶରେ ଅତି ସାଧାରଣ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ସର୍ବସାଧାରଣରେ ନିର୍ମମଭାବେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥାଏ।

# ବିଗିଡି ଯାଉଛି ପିଲାଦିନ

॥ ଜୟନ୍ତୀ ପଣ୍ଡା ॥

"ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଲୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍‌ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ - ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍‌ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରିରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍‌କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,
ସେକ୍ଟର-୮୮, ଫରିଦାବାଦ, ହରିଆନା

# ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ମାନବିକତା ହିଁ ପରମ ଧର୍ମ

॥ ମୌଲାନା ଫଜଲ ହକ ଖାଁ ॥

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମଳିନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ୍ୟ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଳ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛନ୍ତି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମର୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## 'ନାଗରିକ ଦେବୋ ଭବଃ' ଭାବନାକୁ ସମ୍ମାନ : 'ସେବା ସଂକଳ୍ପ ସନ୍ଦେଶ' ପ୍ରତିବଦ୍ଧତାକୁ ପୁନର୍ନିଶ୍ଚିତ କରେ ପାରାଦୀପ ବନ୍ଦର ପ୍ରାଧିକରଣ



ପରାଦୀପ, (ମହାଭାରତ) : ଭାରତ ସରକାରଙ୍କ କ୍ୟାବିନେଟ୍ ସଚିବାଳୟ ଦ୍ୱାରା ଜାରି ହୋଇଥିବା ୨୫ ଫେବୃଆରୀ ୨୦୨୬ ତାରିଖର ଅଫିସ୍ ମେମୋରାଣ୍ଡମ୍ ନଂ. ୧/୩/୧/୨୦୨୬-କ୍ୟାବ୍ ସହିତ ସମର୍ଥନ ରଖି, ପରାଦୀପ ବନ୍ଦର ପ୍ରାଧିକରଣ ପ୍ରଶାସନିକ ଭବନରେ ଏକ ବୈଠକ ଆୟୋଜନ କରି "ସେବା ସଂକଳ୍ପ ସନ୍ଦେଶ"କୁ ଔପଚାରିକ ଭାବେ ପାଠ କରିବା ଏବଂ ପୁନଃସ୍ଥାପିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକର ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ, ବରିଷ୍ଠ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । ସମାବେଶରେ ଏହି ସଂକଳ୍ପକୁ ପାଠ କରାଯାଇଥିଲା, ଯେଉଁଥିରେ ବନ୍ଦରର କାର୍ଯ୍ୟକୁ ଏହାର ମାର୍ଗଦର୍ଶିକା ନୀତି ସହିତ ଯୋଡ଼ିବା ପାଇଁ ସାମୂହିକ ସଂକଳ୍ପକୁ ଦୋହରାଇ ଦିଆଯାଇଥିଲା । ଏହି ସଂକଳ୍ପ 'ନାଗରିକ ଦେବୋ ଭବ' ର ଦର୍ଶନକୁ ରେଖାଙ୍କିତ କରି ପ୍ରତ୍ୟେକ ନାଗରିକଙ୍କ ପ୍ରତି ସେବା, ସମ୍ମାନ, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱରେ ଶାସନର ମୂଳଦୁଆ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ପ୍ରଶାସନିକ ନିଷ୍ପତ୍ତି ଏବଂ ସେବା ବିତରଣ ବ୍ୟବସ୍ଥା ନାଗରିକ କୈନ୍ଦ୍ରିକ, ଉତ୍ତରଦାୟୀତ୍ୱ ଏବଂ ଦକ୍ଷ ହେବା ସୁନିଶ୍ଚିତ କରିବା ଲାଗି ଅଂଶଗ୍ରହଣକାରୀମାନେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଅଧ୍ୟକ୍ଷ ଶ୍ରୀ ହରନାଦ ଆଲୋକପାତ କରି 'ସେବା ତୀର୍ଥ' ର ଆବେଗ ଉତ୍ସର୍ଗୀକୃତତା, ନୈତିକ ଆଚରଣ ଏବଂ ଦାୟିତ୍ୱବୋଧ ଦ୍ୱାରା ପରିଚାଳିତ ଏକ ନୂତନ ଶାସନ ସଂସ୍କୃତିର ପ୍ରତୀକ ଅଟେ । ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ, ଅନୁଷ୍ଠାନିକ ଅଖଣ୍ଡତା ଏବଂ ପରିଚାଳନା ଏବଂ ପ୍ରଶାସନିକ ଅଭ୍ୟାସରେ ନିରନ୍ତର ସଂସ୍କାର ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ସଂକଳ୍ପ ବୈଠକରେ ''ସେବା ସଂକଳ୍ପ' ସଂକଳ୍ପ ର ମୂଳ ସିଦ୍ଧାନ୍ତକୁ ଉନ୍ନତ ଡିଜିଟାଲକରଣ, ଶୃଙ୍ଖଳିତ ପ୍ରକ୍ରିୟା, ଠିକ୍ ସମୟରେ ସେବା ପ୍ରଦାନ ଏବଂ ପ୍ରଭାବଶାଳୀ ଅଭିଯୋଗ ସମାଧାନ ବ୍ୟବସ୍ଥା ମାଧ୍ୟମରେ ବିଭାଗୀୟ କାର୍ଯ୍ୟରେ ସାମିଲ କରାଯିବ । ପାରାଦୀପ ବନ୍ଦର ପ୍ରାଧିକରଣ 'ନାଗରିକ ଦେବୋ ଭବ' ର ଆବେଗକୁ ବଜାୟ ରଖିବା ଏବଂ ରାଷ୍ଟ୍ର ନିର୍ମାଣ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ସକ୍ରିୟ ଅବଦାନ ଜାରି ରଖିଛି ।

## ଆସନ୍ତା ମାର୍ଚ୍ଚ ୬ରେ ଯୋଡ଼ାରେ ଅନୁଷ୍ଠିତ ହେବ କଂଗ୍ରେସର ଜିଲ୍ଲାସ୍ତରୀୟ ଜନଅଧିକାର ସମାବେଶ



ଯୋଡ଼ା, (ମହାଭାରତ): ଆସନ୍ତା ମାର୍ଚ୍ଚ ୬ ତାରିଖରେ ଯୋଡ଼ା ସ୍ଥିତ ବନେଇକଳା ଦୁର୍ଗାପୂଜା ପଡିଆ ଠାରେ କଂଗ୍ରେସ ପକ୍ଷରୁ ଜିଲ୍ଲା ସ୍ତରୀୟ ଜନଅଧିକାର ସମାବେଶ ଅନୁଷ୍ଠିତ ହେବ । ଏନେଇ ଆଜି କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ସାଂସଦ ତଥା କଂଗ୍ରେସ ଆଦିବାସୀ ସେଲର ଅଧ୍ୟକ୍ଷ ଯସବନ୍ତ ନାରାୟଣ ସିଂ ଲାଗୁରୀ ସାମ୍ବାଦିକ ମାନଙ୍କୁ ଏନେଇ ସୂଚନା ଦେଇ କହିଥିଲେ ଯେ, ଖଣି ଅଞ୍ଚଳର ଜନସାଧାରଣ ଦୀର୍ଘ ବର୍ଷ ଧରି ରାଜ୍ୟ ସରକାରଙ୍କ ଠାରୁ ଅବହେଳାର ଶିକାର ହୋଇ ଆସୁଛନ୍ତି । ଏହି ଅଞ୍ଚଳରୁ ରାଜ୍ୟ ଓ ଜାତୀୟ ରାଜକୋଷକୁ ଅଧିକା ରାଜସ୍ୱ ଦେଉଛି । ମାତ୍ର ଲୋକଙ୍କ ଜୀବନ ଧାରଣର ମାନରେ ପରିବର୍ତ୍ତନ ହୋଇନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଆଦି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି । ଖଣି ଅଞ୍ଚଳରେ ଦିନକୁ ଦିନ ବେକାରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଖଣିରେ ନିଯୁକ୍ତି ମିଳୁନାହିଁ । ଯାନ୍ତ୍ରିକ ଖଣି ଚଳନ, ସ୍ଲରୀ ପାଇପ ଓ ରେଳ ଯୋଗେ ଖଣିଜ ପରିବହନ ବହୁଳ ପରିମାଣରେ ହେଉଛି । ଟ୍ରକ ଯୋଗେ ଖଣିଜ ପରିବହନକୁ ଖଣି କମ୍ପାନୀ ମାନେ ଆଦୌ ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ରୋଜଗାର ଆଶାରେ ଟ୍ରକ୍ ଋଣ କରିଥିବା ହଜାର ହଜାର ଖଣି ଅଞ୍ଚଳର ଯୁବକ ମାନେ ଟ୍ରକ୍ ଯୋଗେ ଖଣିଜ ପରିବହନ କାର୍ଯ୍ୟହରା ହେଉଛନ୍ତି । ଏଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଖଣି ଅଞ୍ଚଳରେ ଆର୍ଥିକ ସଂକଟ ମଧ୍ୟରେ ଲୋକେ ଗତି କରୁଛନ୍ତି । ନିର୍ବାଚନ ସମୟରେ ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ଫେଲ ମାରିଥିବା ନେଇ ସେ କହିଥିଲେ ଯେ, ସୁଭଦ୍ରା ଯୋଜନାରେ ବାର୍ଷିକ ୫୦ ହଜାର ଟଙ୍କା ଦେବା ପାଇଁ ଏବଂ ବାର୍ଦ୍ଧକ୍ୟ ଭତା ୩୦୦୦ ରୁ ୪୦୦୦ ଟଙ୍କାକୁ ବୃଦ୍ଧି କରିବା, ୩୦୦ ୟୁନିଟ ବିଦ୍ୟୁତ୍ ବିଲ୍ ଫ୍ରୀ କରିବା ପ୍ରଭୃତି ଦେଇଥିବା ପ୍ରତଶ୍ରୁତି ପାଳନ କରିବା ଦିଗରେ ସରକାର ଆନ୍ତରିକତା ଦେଖାଉନାହାଁନ୍ତି । ସୁପ୍ରିମକୋର୍ଟଙ୍କ କ୍ଲୀଅରାନ୍ସ ସତ୍ତ୍ୱେ ଖଣି ରାଜସ୍ୱ ସହିତ ଅତିରିକ୍ତ ସେସ ଆଦାୟ ପାଇଁ ସରକାର ଆନ୍ତରିକତା ନ ଦେଖାଉ ନାହାନ୍ତି । ସରକାର କର୍ପୋରେଟ ମାନଙ୍କର ସ୍ୱାର୍ଥ ସାଧନ ପାଇଁ କାମ କରୁଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଆଦୌ ଚିନ୍ତା କରୁନାହିଁ । ଖଣି ଅଞ୍ଚଳର ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଓ ଓମବାଡିସିରେ ରହିଥିବା ଅର୍ଥକୁ ଖଣି ଅଞ୍ଚଳରେ ଖର୍ଚ୍ଚ କରାନଯାଇ ସରକାର ସୁଭଦ୍ରା ଯୋଜନାରେ ଖର୍ଚ୍ଚ କରୁଥିବା ଶୁଣିବାକୁ ମିଳୁଛି ବୋଲି ସେ ଅଭିଯୋଗ କରିବା ସହିତ ଖଣି ଟଙ୍କାକୁ ଖଣି ଅଞ୍ଚଳର ବିକାଶ କ୍ଷେତ୍ରରେ ଠିକ୍ ଭାବେ ଖର୍ଚ୍ଚ କରିବା ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଖଣି ଅଞ୍ଚଳବାସୀ ନିଜର ବଞ୍ଚିବା ଅଧିକାର କିପରି ପାଇବେ ସେ ନେଇ କଂଗ୍ରେସ ପକ୍ଷରୁ ଏହି ଜନଅଧିକାର ସମାବେଶରେ ସ୍ୱର ଉଠାଯିବ । ଲୋକଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ । ଏହି ସମାବେଶରେ କଂଗ୍ରେସର ପ୍ରଦେଶ କମିଟି ସଭାପତି ଭକ୍ତ ଦାସ, କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲୋଲୁ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ,ଜୟଦେବ ଜେନାଙ୍କ ସହିତ ଜିଲ୍ଲା ସଭାପତି ମନୋଜ ଜେନା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଯୋଡ଼ା ନଗର କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ନାୟକ, ଯୋଡ଼ା ବ୍ଲକ ସଭାପତି ଚନ୍ଦ୍ରବୀର କୁମାର ମହାନ୍ତ ଉପସ୍ଥିତ ଥିଲେ ।

# କାହିଁକି ଅଧାରେ ଅଟକିଗଲା ଇଟାଭାଟି ଉପରେ କାର୍ଯ୍ୟାନୁଷ୍ଠାନ



ଅସ୍ତରଙ୍ଗ, (ମହାଭାରତ) : ମାଳକୁ ମାଳ ଇଟାଭାଟି । ଗୋଟେ ପଟେ ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଓ ଅନ୍ୟ ପଟେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆରମ୍ଭ । ଏହା ଭିତରେ ଅନେକ ସ୍ଥାନରେ ସରକାରୀ ସ୍ଥାନରୁ ମାଟି ଉଠାଇ ପଡୁଛି ବେଆଇନ ଇଟାଭାଟି । ଅସ୍ତରଙ୍ଗ ଅଞ୍ଚଳରେ ଅନେକ ସମୟରେ ଟ୍ରାକ୍ଟର ଟ୍ରାକ୍ଟର ମାଟି ବୁହାଚାଲିଛି କିନ୍ତୁ କାହା ପାଖରେ ଓ୍ୱାଇ ଫର୍ମ ଅଛି କି ନାହିଁ ତାହା କେବେ ଯାଞ୍ଚ ହୋଇଛି କି ନାହିଁ ତାହା ଏବେ ଅସ୍ପଷ୍ଟ । ଅନ୍ୟ ପଟେ ବେଆଇନ ଇଟା ଭାଟି କୁ ନେଇ ଖବର ପ୍ରସାରଣ ହେବା ପରେ ଆକ୍ସନ ମୁଡ୍ କୁ ଆସିଥିଲେ ଅସ୍ତରଙ୍ଗ ରାଜସ୍ୱ ଅଧିକାରୀ, ବୋଲଡ଼ଜର, ଦମକଳ ବାହିନୀ । ପୋଲିସକୁ ସାଙ୍ଗରେ ନେଇ ଭାଙ୍ଗିଚାଲିଲେ ଇଟା ଭାଟି, ଦିଆଗଲା ନାହିଁ ଫୁରସତ । କିନ୍ତୁ ହଠାତ କିନା ଇଟା ଭାଟି ଭଙ୍ଗା ବନ୍ଦ ହୋଇଗଲା, ଯାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । କାହିଁକି ଆକ୍ସନ ମୁଡରେ ଥିବା ଅଧିକାରୀ ହଠାତ ନିରବ ହୋଇଗଲେ ତାହା ଏବେ ସନ୍ଦେହ ସୃଷ୍ଟି କରୁଛି । ବାସ୍ତବରେ ଇଟାଭାଟି ହେଇଥିବା ସ୍ଥାନରେ ପରିବେଶ ମଞ୍ଜୁର ହୋଇଛି କି ନାହିଁ ଯଦିଓ ହେଇଥାନ୍ତା ତେବେ କଣ ପାଇଁ ଅଧିକାରୀ ଆକ୍ସନ ନେଲେ । ତାହେଲେ ଏବେ ସ୍ପଷ୍ଟ ହେଉଛି ଯେ ଉକ୍ତ ଇଟାଭାଟି ଉପରେ କୌଣସି ଆଇନ ଗତ ଅଧିକାର ନାହିଁ ଭାଟି ମାଲିକ ମାନେ ଇଟା ପ୍ରସ୍ତୁତି କରିବେ । ମାଣ୍ଡୁକି ଅଞ୍ଚଳରେ ଏବେ ଅନେକ ସ୍ଥାନରେ ଅନେକ ସ୍ଥାନରେ ଇଟା ଭାଟି ଚାଲିଛି । ଗ୍ରୀଷ୍ମ ପ୍ରବାହ ରେ ଯାତାୟାତ ପଥଚାରି ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଅନେକ ଲୋକ ଗ୍ରାମାଞ୍ଚଳରେ ଇଟାଭାଟି ପ୍ରଦୂଷଣରେ ଜୀବନ ବିକଳରେ ହଇରାଣ ହେଉଛନ୍ତି । ତେବେ ଏହି ବାକି ଇଟାଭାଟି ଉପରେ କେବେ ରାଜସ୍ୱ ବିଭାଗ ରେ ଦୃଷ୍ଟି ପଡିବ ତାହା ଏବେ ବୁଦ୍ଧିଜୀବୀ ମହଲରେ ଦାବୀ କରାଯାଇଛି ।

## ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଗଜପତି, (ମହାଭାରତ) : ଆମ୍ ଆଦମୀ ପାର୍ଟି ଗଜପତି ଜିଲ୍ଲା ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାର ଜିଲ୍ଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତଙ୍କ ଅଧ୍ୟକ୍ଷତାରେ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଆବାହକ ଶ୍ରୀ ନିଶିକାନ୍ତ ମହାପାତ୍ର ଓ ରାଜ୍ୟ ସାଂଗଠନିକ ସମ୍ପାଦକ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଯୋଗ ଦେଇ ଜିଲ୍ଲା ରେ ଦଳର ସାଂଗଠନିକ ସ୍ଥିତି ଅନୁଧ୍ୟାନ କରିବା ସହ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିବାକୁ ନେଇ ଆଲୋଚନା କରିଥିଲେ । ତା ସଙ୍ଗେ ସଙ୍ଗେ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟା କୁ ନେଇ ଦଳ ଲୋକଙ୍କ ପାଖରେ ପହଞ୍ଚି କିଭଳି କାମ କରିପାରିବ ସେ ଦିଗରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସଭାନେତ୍ରୀ ଶୈଳବାଳା ପଣ୍ଡା, ବରିଷ୍ଠ ନେତା କିଶୋର ଚନ୍ଦ୍ର ଗୁରୁ, ତ୍ରିନାଥ ପଟନାୟକ, ଲୋଗୋସ୍ ଦାସ ବର୍ଦ୍ଧନ, ଶିବାଶିଷ ପଟନାୟକ, ବୋୟାଜ ବେବର୍ତ୍ତା, ସୁସ୍ଥିର ଷଡ଼ଙ୍ଗୀ, ଲିଙ୍ଗରାଜ ପାଣିଗ୍ରାହୀ, ଈଶ୍ୱର ରାଓ, ବିରଞ୍ଚିନ ମାଝୀ, ଶିଶିର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଚାରିଗୋଟି ପଞ୍ଚାୟତ ରୁ ୪୦ ରୁ ଉର୍ଦ୍ଧ ସକ୍ରିୟ ସଦସ୍ୟ ଯୋଗ ଦେଇଥିଲେ ।

## କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ରୀତିକାନ୍ତି ନିର୍ଘଣ୍ଟ

କାକଟପୁର, (ମହାଭାରତ) : ଚଳିତ ମାସ ୩ ତାରିଖ ମଙ୍ଗଳବାର ଦୋଳ ପୂର୍ଣ୍ଣିମା ଦିନ ଭାରତ ବର୍ଷ ଓଡିଶା ରାଜ୍ୟ ରେ ପୂର୍ଣ୍ଣ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଲାଗୁଛି । ଯାହାକୁ ନେଇ ମନ୍ଦିର ସେବକ ସମିତି, ପୂଜା ପଣ୍ଡା, ପାଳିଆ ସେବକ, ପୁରଧା, ଉପଦେଷ୍ଟା ମଣ୍ଡଳୀ, ପଞ୍ଜିକାରଙ୍କ ନିଷ୍ପତିକୁ ଆଧାର କରି ମନ୍ଦିର ପ୍ରଶାସନ ତରଫରୁ ଚନ୍ଦ୍ରଗ୍ରହଣ ସମେତ ମା ମଙ୍ଗଳାଙ୍କ ସ୍ୱତନ୍ତ୍ର ରୀତିକାନ୍ତି ନିର୍ଘଣ୍ଟ କରାଯାଇଛି । ନିୟମ ମୁତାବକ ସୋମବାର ମଧ୍ୟ ରାତ୍ର ୧୨ ଘଟିକା ୫ ମିନିଟ ସମୟରେ ଦ୍ୱାର ଫିଟା ଯାଇ ମଙ୍ଗଳ ଆରତୀ ହେବ । ମାଙ୍କର ସ୍ନାନ ମାର୍ଜନା ପରେ ରାତ୍ର ୧ଘଟିକା ୫ ମିନିଟ ରେ ବେଶ କରାଯାଇ ରାତ୍ର ୧ ଘଟିକା ୧୦ ମିନିଟ ରୁ ୩୫ ମିନିଟ ପର୍ଯ୍ୟନ୍ତ ସୂର୍ଯ୍ୟପୂଜା ହେବ । ରାତ୍ର ୧ ଘଟିକା ୪୦ ମିନିଟ ରୁ ୨ ଘଟିକା ୧୦ ମିନିଟ ଭିତରେ ବଲ୍ଲଭ ପୂଜା ଓ ୨ ଘଟିକା ୧୫ ମିନିଟ ରୁ ସକାଳ ଧୂପ ଲାଗି ହୋଇ ସାହାଣ ମେଲା କରାଯିବ । ମଙ୍ଗଳ ବାର ସନ୍ଧ୍ୟା ୬ ଘଟିକା ୪୭ ମିନିଟ ୧୮ ସେକେଣ୍ଡ ପରେ ଗ୍ରହଣ ସର୍ବମୋକ୍ଷ ହେବାପରେ ମା ଙ୍କର ମହାସ୍ନାନ କରାଯାଇ ସ୍ୱତନ୍ତ୍ର ରୀତିକାନ୍ତି ଅନୁଷ୍ଠିତ ହେବ । ଏହି ଗ୍ରହଣ ସମୟରେ ସାହାଣ ମେଲା ହେବା ପରେ ପ୍ରତ୍ୟେକ ଭକ୍ତ ଗର୍ଭ ଗୃହକୁ ନଯାଇ ମାଙ୍କୁ ମୁଖଶାଳାରୁ ଦର୍ଶନ କରିବେ । ଭୋଗ, ଧୂପ ଦୀପ ନୈବେଦ୍ୟ ଏହି ସମୟରେ ବନ୍ଦ ରହିବ । ଏହି ରୀତିକାନ୍ତି ପାଇଁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଦାସ ଓ ପୂଜକ ତାପସ ଦୀକ୍ଷିତ ସୂଚନା ପ୍ରଦାନ କରିଛନ୍ତି ।

## ଲଙ୍ଗୁଳି ମଠରେ ଲାଗିଲା ଦୋଳି ଉଦ୍‌ଘାଟନ କଲେ ଅଜୟ ବାବା



ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ ବନ୍ଦରେଶ୍ୱରସ୍ଥିତ ଲଙ୍ଗୁଳି ମଠରେ ଦୋଳି ଲଗାଯାଇଛି । ଯାହାକୁ ଉଦଘାଟନ କରିଛନ୍ତି ଓଳାଶୁଣୀ ମଠର ବାବାଜୀ ଅଜୟ ଦାସ । ପ୍ରକାଶ ଥାଉକି ଲଙ୍ଗୁଳି ମଠର ମହନ୍ତ ପର୍ଶୁରାମ ଦାସଙ୍କ ସମାଧି ପ୍ରତିଷ୍ଠା ଉତ୍ସବରେ ତାଙ୍କ ସ୍ମୃତି ଉଦେଶ୍ୟରେ ପ୍ରସନ୍ନ କୁମାର ସାମଲ ମେମୋରିଆଲ ଟ୍ରଷ୍ଟ ବସଷ୍ଟାଣ୍ଡ, କଳାଶ୍ରୀର ସଭାପତି ଇଂ.ଆଶୁତୋଷ ସାମଲଙ୍କ ଉଦ୍ୟମରେ କୁନି କୁନି ପିଲାମାନଙ୍କ ଝୁଲଣ ପାଇଁ ମଠ ପରିସରରେ ଦୋଳି ସ୍ଥାପନା କରିଛନ୍ତି । ଏହି ଲଙ୍ଗୁଳି ମଠକୁ ବିଭିନ୍ନ ଅଂଚଳରୁ ବାହାଘର, ବ୍ରତ ଘର ଓ ଭୋଜି କରିବା ପାଇଁ ଆସିଥାନ୍ତି । ବିଶେଷ କରି ଶୀତ ଋତୁରେ ଏଠାରେ ପାରିବାରିକ ଭୋଜି ଅଧିକ ମାତ୍ରାରେ ହୋଇଥାଏ । କୁନି କୁନି ପିଲାମାନଙ୍କ ସପରିବାର ଆଗମନକୁ ଦୃଷ୍ଟିରେ ରଖି ଆଶୁତୋଷ ବିଦେଶରେ ଥାଇ ମଧ୍ୟ ଏପରି ବ୍ୟବସ୍ଥା କରାଇପାରିଛନ୍ତି । ଦୋଳି ସ୍ଥାପନା ପରେ ବାବା ଅଜୟ କୁମାର ଦାସ ତାହାକୁ ଫିତାକାଟି ଉଦ୍‌ଘାଟନ କରିଛନ୍ତି । ବାବାଙ୍କ ସହ ସମାଜସେବୀ ସୁମନ୍ତ କୁମାର ସାମଲ, ଅବସରପ୍ରାପ୍ତ ପ୍ରିନ୍ସପାଲ ଡ଼ଃ.କିଶୋର ଚନ୍ଦ୍ର ସ୍ୱାଇଁ, କବି ଅଶୋକ କୁମାର ସାମଲ, ରୁଦ୍ରନାରାୟଣ ସିଂହ, ବିପିନ କୁମାର ସାମଲ, ଶ୍ରୀକାନ୍ତ କୁମାର ରାଉତ, ଶରତ କୁମାର ସିଂହ, ବିମଳଲୋଚନ ସାମଲ, ଉତ୍କଳ କେଶରୀ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଶୁତୋଷଙ୍କ ଭଣଜା ଟାନିସ୍ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନା ଥାଉକି ପ୍ରସନ୍ନ କୁମାର ସାମଲ ମେମୋରିଆଲ ଟ୍ରଷ୍ଟର ସଭାପତି ଆଶୁତୋଷ ବଡ଼ଚଣାର ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନମାନଙ୍କୁ ଚିହ୍ନଟ କରି ସେଠାରେ ମିରର ଲଗାଇ ସାରିଛନ୍ତି । ଯଦ୍ୱାରା କି ବଡ଼ଚଣା ଅଂଚଳରେ ଦୈନିକ ଘଟୁଥିବା ଛୋଟବଡ଼ ଦୁର୍ଘଟଣାକୁ ରୋକା ଯାଇପାରିବ । ଟ୍ରଷ୍ଟର ଏତାଦୃଶ କାର୍ଯ୍ୟମାନଙ୍କୁ ବଡ଼ଚଣା ଅଂଚଳରେ ଭୂୟସି ପ୍ରଶଂସା କରାଯାଇଛି ।

## ବନ ବିଭାଗକୁ ବଡ଼ ସଫଳତା କଇଁଛ ଚୋରା ଚାଲାଣ ହେଲା ପଣ୍ଡ



ମାଲକାନଗିରି, (ମହାଭାରତ) : ମାଲକାନଗିରିରେ ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍. ପି. ଭି-୪୮ ଗ୍ରାମ ନିକଟରେ ବଡ଼ ଧରଣର କଇଁଛ ଚୋରା ଚାଲାଣ ପଣ୍ଡ କଲା ବନ ବିଭାଗ । ବୋଲେରୋ ସହ ୧୦ ବସ୍ତା କଇଁଛ ଜବତ । ଅଭିଯୁକ୍ତ ଫେରାର । ମାଲକାନଗିରି ଜିଲ୍ଲାରେ ବନ୍ୟଜନ୍ତୁ ଚୋରା ଚାଲାଣକୁ ନେଇ ବନ ବିଭାଗର ବଡ଼ କାର୍ଯ୍ୟାନୁଷ୍ଠାନ । ଏମ୍.ପି.ଭି-୪୮ ଗାଁ ନିକଟରୁ ବିପୁଳ ପରିମାଣର କଇଁଛ ଜବତ ହୋଇଛି । ମାଲକାନଗିରି ଜିଲ୍ଲାରେ ସକ୍ରିୟ ହୋଇଉଠିଛି ବନ୍ୟଜନ୍ତୁ ଶିକାରୀ । ହେଲେ ବନ ବିଭାଗର ତତ୍ପରତା ଯୋଗୁଁ ଆଜି ଏକ ବଡ଼ ଚୋରା ଚାଲାଣକୁ ପଣ୍ଡ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଗଚଠ ୪୮ ଗାଁ ନିକଟରେ ବନ ବିଭାଗର ଏକ ଟିମ୍ ପେଟ୍ରୋଲିଂ କରୁଥିବା ବେଳେ ଏକ ସନ୍ଦିଗ୍ଧ ବୋଲେରୋ ଗାଡ଼ିକୁ ଦେଖିବାକୁ ପାଇଥିଲେ । ବନ କର୍ମଚାରୀମାନେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଗାଡ଼ି ଚାଳକ ଏବଂ ଅନ୍ୟମାନେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଗାଡ଼ି ଯାଞ୍ଚ କରିବା ପରେ ସେଥିରୁ ପ୍ରାୟ ୧୦ ବସ୍ତା ଜୀଅନ୍ତା କଇଁଛ ଜବତ କରାଯାଇଛି । ଏହି ସଫଳ ଅପରେସନରେ କାଲିମେଳା ଓ ମୋଟୁ ରେଞ୍ଜ ଅଫିସରଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ କାର୍ଯ୍ୟ କରିଥିଲା । ଏହି ଟିମରେ ଫରେଷ୍ଟର ମୁରଲୀଧର ଅନୁଗୁଳିଆ, ସମୀର କୁମାର ଜେନା, ଅଲି ମହମ୍ମଦ ଖାନ ଏବଂ ଫରେଷ୍ଟ ଗାର୍ଡ ମମତା ବିଷୋୟୀଙ୍କ ସମେତ ପାରାଷ୍ଟାଫ୍ ଓ ସ୍କ୍ୱାଡ୍ ଦଳ ସାମିଲ ଥିଲେ । ବନ ବିଭାଗ ପକ୍ଷରୁ ଗାଡ଼ିଟିକୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି । 'ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବନ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ସବୁ ମହଲରେ ପ୍ରଶଂସା କରାଯାଉଛି । ତେବେ ଏହି ରାକେଟ୍ ପଛରେ ଆଉ କାହାର ସମ୍ପୃକ୍ତି ଅଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।'

# କୃଷି ଯନ୍ତ୍ରପାତି ବଣ୍ଟନ କରି ମହିଳା ଉତ୍ପାଦକ ଗୋଷ୍ଠିଙ୍କୁ ଏଏମ/ଏନଏସ ଇଣ୍ଡିଆର ପ୍ରୋତ୍ସାହନ



ପାରାଦ୍ୱୀପ, (ମହାଭାରତ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଏହାର ପ୍ରମୁଖ ସିଏସ୍ଆର୍ ପଦକ୍ଷେପ ଅନ୍ତର୍ଗତ 'ବିକଳ୍ପ ଜୀବିକା ପାଇଁ ସଫଳ ଦୀର୍ଘସ୍ଥାୟୀ କୃଷି' ମାଧ୍ୟମରେ କୁଜଙ୍ଗ ବ୍ଲକର ବରେଇ ଏବଂ ଚକ୍ରଧରପୁର ଗ୍ରାମର ମହିଳା ଉତ୍ପାଦକ ଗୋଷ୍ଠି ଙ୍କୁ ଦୁଇଟି କୃଷି ସମ୍ପର୍କିତ ଯନ୍ତ୍ରପାତି ବଣ୍ଟନ ମାଧ୍ୟମରେ ଦୀର୍ଘସ୍ଥାୟୀ ଗ୍ରାମୀଣ ଜୀବିକା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି । ସ୍ଥାନୀୟ ପ୍ରକ୍ରିୟାକରଣ, ବର୍ଦ୍ଧିତ ଆୟ ସୁଯୋଗ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ମାଧ୍ୟମରେ ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗକୁ ସଶକ୍ତ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ୨୧ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ଚକ୍ରଧରପୁରର ଶ୍ରୀଧା ମହାବୀର ଉତ୍ପାଦକ ଗ୍ରୁପ୍ କୁ ଏକ କ୍ଷୁଦ୍ର ତେଲ ଉତ୍ପାଦକ ମେସିନ୍ ପ୍ରଦାନ କରାଯାଇଛି । ଏହି ମେସିନ୍ ଗ୍ରୁପ୍ କୁ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ତୈଳବୀଜ ପ୍ରକ୍ରିୟାକରଣ କରିବାରେ ସକ୍ଷମ କରିବ, ଅଧିକ ରାଜସ୍ୱ ସୁନିଶ୍ଚିତ କରିବ, ଗୁଣବତ୍ତା ନିୟନ୍ତ୍ରଣରେ ଉନ୍ନତି ଆଣିବ ଏବଂ ବାହ୍ୟ ମିଲ୍ ଉପରେ ନିର୍ଭରଶୀଳତାକୁ ମଧ୍ୟ ହ୍ରାସ କରିବ । ସେହିଭଳି, ୩୦ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ବରେଇର ମା ମଙ୍ଗଳା ଭେରାଇଟି ପ୍ରଡ୍ୟୁସର ଗ୍ରୁପ୍ କୁ ଏକ ମିନି ରାଇସ୍ ମିଲ୍ ପ୍ରଦାନ କରାଯାଇଛି । ସ୍ଥାନୀୟ ଧାନ ପ୍ରକ୍ରିୟାକରଣ ସୁବିଧା ସହିତ, ଏହି ଗ୍ରୁପ୍ ବର୍ତ୍ତମାନ ଗ୍ରେଡିଂ, ମିଲିଂ ଏବଂ ପ୍ୟାକେଜିଂ ଓ ସ୍ଥାନୀୟ ବ୍ରାଣ୍ଡେଡ୍ ଉତ୍ପାଦକୁ ପ୍ରୋତ୍ସାହିତ କରିବା ସହିତ ଅତିରିକ୍ତ ରାଜସ୍ୱ ସ୍ରୋତକୁ ଉନ୍ମୁକ୍ତ କରିପାରିବ । ଯନ୍ତ୍ରପାତି ସହାୟତା ବ୍ୟତୀତ, ଏହି ପଦକ୍ଷେପରେ କାର୍ଯ୍ୟ, ରକ୍ଷଣାବେକ୍ଷଣ, ଆର୍ଥିକ ସାକ୍ଷରତା, ବଜାର ସଂଯୋଗ ସୁବିଧା ଏବଂ ବ୍ୟବସାୟ ପରିଚାଳନା ଭଳି କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଉଦ୍ୟୋଗଗୁଡ଼ିକର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା, ପାରିବାରିକ ଆୟ ବୃଦ୍ଧି, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ସାମୂହିକ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପାରାଦ୍ୱୀପଗଡ଼ ସରପଞ୍ଚ ଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ବ୍ଲକ ପ୍ରୋଗ୍ରାମ ସଂଯୋଜକ ତ୍ରୈଲୋକ୍ୟ ମଲ୍ଲ, କୁଜଙ୍ଗର କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା (ଏଟିଏମ୍ଏ) ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ତୁଳସୀ ମହାନ୍ତ୍ମା ଏବଂ ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ । ଅତିଥିମାନେ ଏହି ପଦକ୍ଷେପକୁ ଆତ୍ମନିର୍ଭରଶୀଳତା ଏବଂ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଏମଏନ/ଏସ ଇଣ୍ଡିଆ ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପ୍ରଶଂସା କରିଥିଲେ । ବିଏଆଇଏଫ୍ ଡେଭଲପମେଣ୍ଟ ରିସର୍ଚ୍ଚ ଫାଉଣ୍ଡେସନ ସହଯୋଗରେ କାର୍ଯ୍ୟକାରୀ ହୋଇଥିବା ଏଏମ୍ / ଏନ୍ଏସ୍ ଇଣ୍ଡିଆର ସଫଳ ପଦକ୍ଷେପ, ବିଭିନ୍ନ ପ୍ରକାର କୃଷି ଏବଂ କୃଷି ସମେତ ଅନ୍ୟ କାର୍ଯ୍ୟକଳାପ ମାଧ୍ୟମରେ କ୍ଷୁଦ୍ର ଚାଷୀମାନଙ୍କ ଆୟ ବୃଦ୍ଧି କରିବାକୁ ଚେଷ୍ଟା କରୁଛି । ବର୍ତ୍ତମାନ ସୁଦ୍ଧା, ପାରାଦ୍ୱୀପ ଅଞ୍ଚଳର ୧,୦୦୦ରୁ ଅଧିକ କୃଷକ, ଜୈବିକ ଚାଷ, ଟ୍ରେଲିସ୍ ଚାଷ, ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନା, ଫାର୍ମ ପୋଖରୀ, କୃଷକ କ୍ଷେତ୍ର ବିଦ୍ୟାଳୟ ଏବଂ ପଶୁସମ୍ପଦ ପରିଚାଳନା ଭଳି ପଦକ୍ଷେପରୁ ଉପକୃତ ହୋଇଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ସୁନା ଦୋକାନରେ କାମ କରୁଥିବା ପିଣ୍ଟୁକୁ ଗୁଳି କରି ଚୋରି ଉଦ୍ୟମ ପଣ୍ଡ

କୃଷ୍ଣପ୍ରସାଦ (ମହାଭାରତ ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ରେ ସୁନା ବ୍ୟବସାୟୀ ଙ୍କ କର୍ମଚାରୀ ଙ୍କୁ ଗୁଳି କରି ଏକ ସ୍କୁଟି ରେ ଚମ୍ପଟ ମାରିଥିବା ଜଣାପଡିଛି। ଖବର ରୁ ଜଣାପଡିଛି ଯେ ସୋମବାର ରାତି ୯. ୩୦ ମିନିଟ ସମୟରେ ପାତ୍ର ଜୁଏଲାରୀ ମାଲିକ ଦୋକାନ ବନ୍ଦ କରି ଏକ ମଟର ସାଇକେଲ ରେ ଘରକୁ ଫେରୁଥିବା ବେଳେ ଯୋଜନା ଅନୁଯାଇ ମାଲୁଦ ପ୍ରାଥମିକ ବିଦ୍ୟାଳୟ ନିକଟ ସହିଦ ସୁଦାମ ଚରଣ ଦାସ ଙ୍କ ପ୍ରତିମୂର୍ତ୍ତି ନିକଟ ଏକ ଅନ୍ଧାର ରାସ୍ତାରେ ଜଣେ ଦୁବୃତ୍ତ ତାଙ୍କ ଉପରକୁ ଗୁଳି ଚଳନା କରିଥିଲେୟ ଗୁଳି ବ୍ୟବସାୟୀ ଙ୍କ ଦେହରେ ନ ବାଜି ମଟର ସାଇକେଲ ଚଳାଉଥିବା କର୍ମଚାରୀ ପିଣ୍ଟୁ ଦାସ ଙ୍କ ଗୋଡ଼ରେ ବାଜିଥିଲାୟ ଉଭୟେ ତଳେ ପଡି ଯାଇଥିବା ବେଳେ ସାମ୍ନାରୁ ଏକ ମଟର ସାଇକେଲ ଆସିଥିଲା। ପିଣ୍ଟୁ ର ଗୋଡ଼ରୁ ରକ୍ତସ୍ରାବ ଚାଲିଥିଲା। ବ୍ୟବସାୟୀଙ୍କ ବ୍ୟାଗ କୁ ଟାଣି ନ ପାରି ଭୟରେ ଅନ୍ୟଜଣେ ସ୍କୁଟି ନେଇ ଅପେକ୍ଷା କରିଥିବା ସ୍କୁଟି ରେ ତରବର ରେ ବସି କରଣ ସାହି ମଧ୍ୟକୁ ଖୁବ ଜୋର ରେ ପଳାଇ ଥିଲେୟ ଆହତ ପିଣ୍ଟୁ କୁଚିକିତ୍ସା ପାଇଁ କୃଷ୍ଣପ୍ରସାଦ ଡାକ୍ତର ଖାନା ରେ ଭର୍ତ୍ତି କରାଯାଇଛି। ଖବର ପାଇ କୃଷ୍ଣପ୍ରସାଦ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନବିନ ଆରମ୍ଭ କରିଛି। ସୁନା ଦୋକାନୀ ଙ୍କ ବ୍ୟବସାୟ ଟଙ୍କା ବ୍ୟାଗ କୁ ଚୋରି କରିବା ଉଦ୍ୟମ ରେ ଗୁଳି କରିଥିବା ସନ୍ଦେହ ହେଉଛି।

## କୃଷ୍ଣପ୍ରସାଦରେ ଦୋଳଯାତ୍ରା ମହୋତ୍ସବ



କୃଷ୍ଣପ୍ରସାଦ,(ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ର ପାରିକୁଦ ଗଡ଼ ଠାରେ ପାଞ୍ଚ ମୌଜା ପରିଚାଳନା କମିଟି ତରଫରୁ ଐତିହାସିକ ଦୋଳଯାତ୍ରା ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅନୁଷ୍ଠିତ ହୋଇଯାଇଛି । ପାରିକୁଦ ଗଡ଼ର ମୁଖ୍ୟ ପୀଠାଧିଶ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଏବଂ ଶ୍ରୀ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ୧୧ ଠାକୁର ସୁସଜ୍ଜିତ ବିମାନରେ ପାଟ ପଟୁଆରରେ ଆସି ଗଡ଼ ଚନ୍ଦନ ପଡ଼ିଆ ଠାରେ ଏକତ୍ରିତ ହୋଇଥିଲେ ।ପ୍ରଥମେ ପାରିକୁଦ ରାଜା ସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ରାଜା ଙ୍କ ତରଫରୁ ଭୋଗ ଲାଗି ହୋଇଥିଲା । ୫ ମୌଜା ତରଫରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ପର୍ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆତସବାଜି, ସମରକଳା ପାଇକଆଖଡା ଆଦି ପଦର୍ଶନ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, କୁମାର ସିଂହ, ହରମୋହନ ମାନସିଂହ,ସୁବାସ ଚନ୍ଦ୍ର ସ୍ୱାଇଁ, ବିଜୟ ଚନ୍ଦ୍ର ଜେନା,ସୁବାସ ଚନ୍ଦ୍ର ସିଂହ ସାମନ୍ତ,ସାରଙ୍ଗ ଧର ବିଶ୍ୱାଳ,ପ୍ରମୋଦ କୁମାର ପରିଡ଼ା, ବିଭୂ ନାରାୟଣ ଜେନା,ଗାଜଲ ଦଣ୍ଡସେଣା, ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ କରିବାକୁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଘୋଳାହାଣ୍ଡିରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ: ଶହ ଶହ ଭକ୍ତଙ୍କ ସମାଗମ

ଦଶପଲ୍ଲା, (ମହାଭାରତ): ସମଗ୍ର ବିଶ୍ୱର ମଙ୍ଗଳ କାମନା କରି ଘୋଳାହାଣ୍ଡି ଗ୍ରାମର ବାବା କପିଳେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ଆରମ୍ଭ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି। ଏହି ମହାଯଜ୍ଞରେ କର୍ତ୍ତା ଭାବେ କସଣି ପରିଡା ଓ ତାଙ୍କ ସହଧର୍ମିଣୀ ଟିକିନା ପରିଡ଼ା ଯୋଗ ଦେଇ ପୂଜାର୍ଚ୍ଚନା କରୁଛନ୍ତି। ଯଜ୍ଞ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବ୍ରାହ୍ମଣ ମହାସଂଘ ଓଡ଼ିଶା ର ପଣ୍ଡିତ ମଣ୍ଡଳୀ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଚାର୍ଯ୍ୟ ସୁର୍ଯ୍ୟମଣି ଦାଶ, ପୁସ୍ତକ ଆଚାର୍ଯ୍ୟ ବିସେଶ୍ୱର ମିଶ୍ର, ରୁଦ୍ରାଭିଷେକ ଆଚାର୍ଯ୍ୟ ରାଧାନାଥ ଦାଶ, ଚଣ୍ଡୀ ପୂଜକ କୈଳାସ ଚନ୍ଦ୍ର ଦାଶ, ବ୍ରାହ୍ମଣ ମହାସଂଘ ଓଡିଶା ର ସଂଯୋଜକ ପ୍ରିୟବ୍ରତ ଷଡ଼ଙ୍ଗୀ ଓ ସଦସ୍ୟ ସନ୍ତୋଷ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ର ପାଠ ଓ ଆହୁତିରେ ଆଧ୍ୟାତ୍ମିକମ ପରିବେଶ ଶ୍ରୁଷ୍ଟି ହୋଇଛ। ଏହି କାର୍ଯ୍ୟକ୍ରମରେ ନାମ ଯଜ୍ଞ, ଘୃତ ଯଜ୍ଞ ଓ ଅନ୍ତ ଯଜ୍ଞର ବିଶେଷ ଆୟୋଜନ କରାଯାଇଛି ।ଏହି ଭବ୍ୟ ଆୟୋଜନକୁ ଦେଖିବା ପାଇଁ ତଥା ପ୍ରଭୁଙ୍କ କୃପା ଲାଭ କରିବା ପାଇଁ ଆଖପାଖ ଅଞ୍ଚଳରୁ ଶହ ଶହ ଭକ୍ତଙ୍କ ସମାଗମ ହେଉଛି। ୫ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଯଜ୍ଞ ଅଞ୍ଚଳରେ ଏକ ଶାନ୍ତିପୂର୍ଣ୍ଣ ଓ ଭକ୍ତିପୂତ ପରିବେଶ ସୃଷ୍ଟି କରିଛ।

## ମର୍ମନ୍ତୁଦ ସଡକ ଦୁର୍ଘଟଣା, ଜଣେ ମୃତ

ଦଶପଲ୍ଲା,(ମହାଭାରତ ): ଦଶପଲ୍ଲା ଥାନା ଅନ୍ତର୍ଗତ ୫୭ନମ୍ବର ଜାତୀୟ ରାଜପଥ ର ଜଗାପୁର ରାସ୍ତା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକର ମୃତ୍ୟୁ ଘଟିଛି। ମୃତକ ନୟାଗଡ ରାଜପଟଣା ର ମାନ୍ଧାତାପୁର ଗ୍ରାମର ପ୍ରକାଶ କୁମାର ଜେନା (୭୫)ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ସୋମବାର ଦିନ ଏଆରଏସଏସ ର ମିଷ୍ଟର ଟ୍ରକ (ଓଡି ୦୨ଡିକେ ୨୭୬୦)ନୟାଗଡରୁ ଦଶପଲ୍ଲା ଆସୁଥିବା ସମୟରେ ସ୍କୁଟି(ଓଡି ୦୨ବିଜେ ୮୮୯୧)ରେ ପ୍ରକାଶ ଓଭରଟେକ କରୁଥିବା ସମୟରେ ଟ୍ରକ ର ହୁକ ଲାଗିବା ଫଳରେ ଚକା ତଳେ ପଡ଼ି କିଛି ବାଟ ଘୋଷାଡ଼ି ନେବା ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି ଓ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ଘଟଣା ସ୍ଥଳରେ ଦଶପଲ୍ଲା ପୋଲିସ୍ ପହଞ୍ଚି ନିୟନ୍ତ୍ରଣ କରିଥିବା ବେଳେ ଆମ୍ବୁଲାନ୍ସ ସାହାଯ୍ୟରେ ମୃତ ବ୍ୟକ୍ତି ଙ୍କୁ ସବ ବ୍ୟବଛେଦ ପାଇଁ ଦଶପଲ୍ଲା ଡାକ୍ତରଖାନା କୁ ପଠାଯାଇଥିଲା।

# ସ୍କୁଲ ଶିକ୍ଷକଙ୍କୁ ଡ଼େପୁଟେସନରୁ ରେଗୁଲାର ପୋଷ୍ଟିଙ୍ଗ ପାଇଁ ଦାବି କଲେ ଗ୍ରାମବାସୀ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ବ୍ଲକ୍ ବେଗୁନିଆପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଡେପୁଟେସନରେ ଥିବା ବୀରେନ୍ଦ୍ର କୁମାର ସ୍ୱାଇଁଙ୍କୁ ଉକ୍ତ ସ୍କୁଲରେ ନିୟମିତ କରାଇବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି। ଏ ନେଇ ଆଜି ଉକ୍ତ ସ୍କୁଲରେ ପାଠ ପୁଥିବା ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ଜିଲ୍ଲା ମୁଖ୍ୟାଳୟରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଫେରାଦ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତବାକ, ଶିକ୍ଷକ ଶ୍ରୀ ସ୍ୱାଇଁ ଜଣେ ଦକ୍ଷ, ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଅଟନ୍ତି। ସେ ଏହି ସ୍କୁଲରେ ଯୋଗ ଦେବା ଦିନ ଠାରୁ ଏଠାରେ ଶୈକ୍ଷିକ ଓ ସହ ଶୈକ୍ଷିକ କାର୍ଯ୍ୟ ବୃଦ୍ଧି ହୋଇଅଛି। ଉକ୍ତ ଶିକ୍ଷକଙ୍କୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ବେଶ୍ ଖୁସି ଅଛନ୍ତି। ଏଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସେମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ବେଗୁନିଆପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଡ଼େପୁଟେସନରେ ଥିବା ଶିକ୍ଷକ ବୀରେନ୍ଦ୍ର କୁମାର ସ୍ୱାଇଁ ଙ୍କୁ ନେଇ କେଶରପୁର ଗ୍ରାମ ବାସୀ ଜିଲ୍ଲାପାଳ ମଧୁମିତା ରଥ ଙ୍କୁ ଫେରାଦ ହୋଇଥିଲେ। କାରଣ ଶିକ୍ଷକ ବିରେନ୍ଦ୍ର କୁମାର ସ୍ୱାଇଁ କେଶରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷ୍ଟିଙ୍ଗ ଥିବା ବେଳେ ବେଗୁନିଆପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଡ଼େପୁଟେସନରେ କାର୍ଯ୍ୟ କରନ୍ତି। ଯାହା ଦ୍ୱାରା କେଶରପୁର ଗ୍ରାମ ବାସୀ ଶିକ୍ଷକ ଶ୍ରୀ ସ୍ୱାଇଁ ଙ୍କୁ ପୁନର୍ବାର କେଶପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫେରାଇ ନେବାକୁ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଥିଲେ। ଯାହାଦ୍ୱାରା ଆଜି ବେଗୁନିଆପାଟଣା ଗ୍ରାମ ବାସୀ ଆଜି ଜିଲ୍ଲାପାଳ ଙ୍କ ନିକଟରେ ଫେରାଦ ହୋଇ ଶିକ୍ଷକ ଶ୍ରୀ ସ୍ୱାଇଁ ଙ୍କୁ ଡ଼େପୁଟେସନ ରୁ ସେହି ବେଗୁନିଆପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଗୁଲାର ପୋଷ୍ଟିଙ୍ଗ ପାଇଁ ଦାବି କରିଛନ୍ତି। ଯାହା ଦ୍ୱାରା ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ କହିଛନ୍ତି ଏବେ ପ୍ରତ୍ୟେକ ପରୀକ୍ଷା ଚାଲିଛି। ପରୀକ୍ଷା ସରିବା ପରେ ତଦନ୍ତ ପରେ ଦାବି ର ବିଚାର କରାଯିବ।

## ଦୁଇ ବର୍ଷରେ ଲାଞ୍ଚ ନେଇ ଧରାପଡ଼ିଛନ୍ତି ୮ ଅଧିକାରୀ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଏକ ଶିଳ୍ପବିହୀନ ଜିଲ୍ଲା। ଜିଲ୍ଲାର ଏକ ମାତ୍ର ଚିନି କଳ ଏହା ବି ବନ୍ଦ ପଡ଼ିଛି। ଚାଷ ହିଁ ଲୋକ ମାନଙ୍କ ରୋଜଗାରର ଏକମାତ୍ର ମାଧ୍ୟମ ପାଲଟିଛି। ପେଟ ପୋଷିବା ପାଇଁ ଲୋକ ମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ତଥାପି ଏହି ଲୋକ ମାନଙ୍କୁ ଲୁଟିବା ପାଇଁ ସରକାରୀ ବାବୁ ମାନେ ପଛାଉ ନାହାନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ନୟାଗଡ଼ ଜିଲ୍ଲାରେ ଲାଞ୍ଚ ନେବା ଅଭିଯୋଗରେ ବିଭିନ୍ନ ବିଭାଗରୁ ଭିଜିଲାନ୍ସ ୮ ଜଣ ଅଧିକାରୀଙ୍କୁ ଗିରଫ ହେବା ଘଟଣା ଏହାର ଏକ ସ୍ପଷ୍ଟ ପ୍ରମାଣ। ୨୦୨୫ ମାର୍ଚ୍ଚ ୧୬ ରେ ଭିଜିଲାନସ୍ ଜାଲରେ ପଡ଼ିଥିଲେ ଉଠା ଜଳସେଚନ ବିଭାଜନ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ବୋଇତାଇ ଜଣେ ଘରୋଇ ଠିକାଦାର ଶ୍ରୀକାନ୍ତ ପତିଙ୍କ ଜରିଆରେ ବୋରୱେଲ୍ ଖୋଳିବା ପାଇଁ ଆବେଦନ କରିଥିବା ଜଣେ ଚାଷୀଙ୍କ ଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ମାନେ ଶ୍ରୀକାନ୍ତଙ୍କୁ ଧରିଥିଲେ। ପରେ ଏହି ମାମଲାରେ କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁଙ୍କ ସମ୍ପୃକ୍ତି ଥିବା ମଧ ଜଣାପଡ଼ିବା ପରେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଥିଲାୟ ୨୦୨୫ ଜୁଲାଇ ୬ରେ ୨ଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଛାଡିବା ପାଇଁ ଲାଞ୍ଚ ନେଉଥିବା ଖଣ୍ଡପଡ଼ା ତତ୍କାଳୀନ ତହସିଲଦାର ଧୋବେଇ ନାୟକ ଧରାପଡ଼ିଥିଲେ। ଗାଡ଼ି ମୁକୁଳାଇବାକୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡ଼ି ବସିଥିଲା। ଏହାର ଠିକ୍ ୩ମାସ ପରେ ୨୦୨୫ ଅକ୍ଟୋବରରେ ଖଣ୍ଡପଡ଼ା ଥାନାରେ କାର୍ଯ୍ୟରତ ଥିବା ସବ୍-ଇନସପେକ୍ଟର ହବିବୁଲ୍ ରେହମାନ ଜଣେ ଚୋରା ମଦ ବେପାରି ଠାରୁ ମାସିକ ବଟି ନେଉଥିବା ବେଳେ ଧରାପଡ଼ିଥିଲେ। ୨୦୨୫ ନଭେମ୍ବର ୨୬ରେ ଓଡ଼ଗାଁ ବ୍ଲକ୍ ଦଧିବାମନଜୀଉ ବାହାଡ଼ାଝୋଲା ମହାବିଦ୍ୟାଳୟ ଅଧକ୍ଷ ନଳିନୀ ରଞ୍ଜନ ଭୂୟାଁ ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ। କଲେଜ ପୁସ୍ତକାଗାର ରକ୍ଷକ ହୃଷିକେଶ ବେହେରାଙ୍କ ଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନସ୍ ଟିମ୍ ନଳିନୀଙ୍କୁ ଧରିଥିଲାୟ ୨୦୨୫ର ଅପ୍ରେଲ ୧୫ରେ ଶରଣକୁଳ ପୁଲିସ୍ ଏଏସ୍ଆଇ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ। ଗିରଫ ହୋଇ ଜେଲ୍ରେ ଥିବା ଜଣେ ଆସାମୀର କେସ୍ ଡାଏରୀ ରିପୋର୍ଟ ଦେବା ପାଇଁ ତାଙ୍କ ପରିବାର ଲୋକଙ୍କ ଠାରୁ ସେ ଏହି ଲାଞ୍ଚନେଉଥିବା ଜଣାପଡ଼ିଥିଲା। ଠିକାଦାରଙ୍କ ବିଲ୍ କରାଇ ଦେବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଖଣ୍ଡପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଧରାପଡ଼ିଥିଲେ। ଟଙ୍କା ନଦେଲେ ଠିକାଦାର ମାନଙ୍କୁ ସେ ବିଲ୍ ଅଟକାଇ ଦେବାର ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ୨୦୨୫ ସେପ୍ଟେମ୍ବର ୧୨ରେ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତ ଶ୍ରମକାର୍ଡ କରାଇ ଦେବା ନାଁରେ ୬ହଜାର ଲାଞ୍ଚ ନେଉଥିବା ବେଳେ ଧରା ପଡ଼ିଥିଲେ। ଚିତ୍ତ ରଞ୍ଜନଙ୍କୁ ସାଥୀରେ ନେଇ ଭିଜିଲାନ୍ସ ଟିମ୍ ନୟାଗଡ଼ ସ୍ଥିତ ତାଙ୍କ ଭଡ଼ା ଘର ଓ ପୈତୃକ ଘରେ ମଧ ଚଢ଼ାଉ କରିଛି। ଭଡ଼ା ଘରେ ବିଭିନ୍ନ ସ୍ଥାନରେ ରଖାଯାଇଥିବା ଏକାଧିକ ପ୍ୟାକେଟରେ ଥିବା ପ୍ରାୟ ୩୭,୫୦୦ ଟଙ୍କା ଜବତ ହୋଇଥିଲା।

## କ୍ଲଷ୍ଟରସ୍ତରୀୟ ଅଷ୍ଟମ ଏଫ୍‌ଏଲ୍‌ଏନ୍ ମାସିକ ସମୀକ୍ଷା ବୈଠକ

ଆସିକା(ମହାଭାରତ): ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବାଲିସିରା, ଭେଟନଇ, କାଳକଣ୍ଟପୁର, ବାବନପୁର, ବଡଖୋଲି, ଖାରିଆ, କେ.ନୁଆଁପଲ୍ଲୀ, ନିମିନା , କେନ୍ଦୁପଦର, ଗଙ୍ଗାପୁର, ନଳବଣ୍ଟା, ଆସିକା ସଦର, ହରିଡ଼ାପଦର କ୍ଲଷ୍ଟର ଏହିପରି ୧୩ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ପାଠ୍ୟକ୍ରମ (ଏଫ୍‌ଏଲ୍‌ଏନ୍)ର ଶିକ୍ଷକମାନଙ୍କୁ ନେଇ କ୍ଲଷ୍ଟର୍ସ୍ତରୀୟ ଅଷ୍ଟମ ମାସିକ ସମୀକ୍ଷା ବୈଠକ ଆସିକା ବିଇଓ କାର୍ଯ୍ୟାଳୟ ଅଧୀନସ୍ଥ ଭେଟନଇ କ୍ଲଷ୍ଟର୍ର ଭେଟନଇ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସିକା ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତ□ାବଧାନରେ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଏହାର ସଫଳ କାର୍ଯ୍ୟକାରିତା ସାଙ୍ଗକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଶିଶୁବାଟିକା କାର୍ଯ୍ୟକ୍ରମର ସଫଳ ରୂପାୟନ, ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି, ପଢ଼ିବା ଓ ବଢ଼ିବା ଏବଂ ଓଡ଼ିଶା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା, ଭାଷା ଓ ଗାଣିତିକ ଜ୍ଞାନ ବୃଦ୍ଧି, ଶିକ୍ଷଣ ସାମଗ୍ରୀର ବ୍ୟବହାର, ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି, ଶିକ୍ଷାର୍ଥୀମାନଙ୍କ ଶୈକ୍ଷିକ ପ୍ରଗତି, ମାସିକ ପାଠ୍ୟ ଖସଡ଼ା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ନମୁନା ପାଠ ଯୋଜନା, ବିଦ୍ୟାଳୟରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆଦି ବିଭିନ୍ନ ବିଷୟ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାୟ ବୈଠକକୁ ସିଆରସିସି ସୌଦାମିନୀ ହୋତା ସଂଯୋଜନା କରିଥିଲା ବେଳେ ପ୍ରଧାନଶିକ୍ଷକ ଶିବରାମ ଗୌଡ଼, ଅରୁଣ କୁମାର ଦାଶ, ଅମ୍ବିକା ପାଣିଗ୍ରାହୀ, ବୁଲୁ କୁମାର ପ୍ରଧାନ, ତ୍ରିଲୋଚନ ପାତ୍ର, ସନ୍ତୋଷ କୁମାର ସେଠୀ, ନିରଞ୍ଜନ ବେହେରା, ବନମାଳୀ ବେହେରା, ପି.ରାମାରାଓ ପାତ୍ର, ଏଏଲ୍ଏନ୍ ଶିକ୍ଷକ ଝୁନୁ ଦାଶ, ମାମାଲି ନାୟକ, ଗୁରୁ ପ୍ରସଦ ଗୌଡ଼, ଯୋଗୀକୃଷ୍ଣ ନାୟକ, ସୁଜି କୁମାର ବେହେରା, ପି.ନିରଞ୍ଜନ ପାତ୍ର, ଆଶୁତୋଷ ଗୌଡ, ସନ୍ଧ୍ୟାରାଣୀ ବିଶ୍ୱାଳ, ଶିବାନୀ ଉକୁଆ ପ୍ରମୁଖ ଯୋଗଦେଇ ବିଭିନ୍ନ ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

## କାଠ ଗଣ୍ଡି ବୋଝେଇ ଟ୍ରାକ୍ଟର କୁ ନେଇ ଗ୍ରାମବାସୀ ସହିତ ବନବିଭାଗ ର ବିବାଦ, ମାମଲା ଥାନାରେ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ କେଶଡ଼ିହା ଗ୍ରାମରେ ଏକ କାଠ ବୋଝେଇ ଟ୍ରାକ୍ଟର କୁ ଗ୍ରାମବାସୀ ମାନେ ଅଟକ ରଖିବା ଘଟଣା କୁ ନେଇ ବନ୍ୟ ପ୍ରାଣୀ ବିଭାଗ ଓ ଗ୍ରାମବାସୀ ମାନଙ୍କ ମଧ୍ୟରେ ବିବାଦ ଦେଖାଦେଇଛି ।ଠାକୁରମୁଣ୍ଡା ବନ୍ୟ ପ୍ରାଣୀ ରେଞ୍ଜ ଅଧିନ ବାହାଘର ସେକ୍ସନ ର ଫରେଷ୍ଟର ମନସିଜ ପ୍ରସାଦ ମହାନ୍ତ ଜଙ୍ଗଲ ଭିତରୁ ଜବତ କାଠ କୁ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ଅଣୁଥିବା ସମୟରେ ସନ୍ଧ୍ୟାରେ ଗ୍ରାମବାସୀ ମାନେ ରାସ୍ତା ରେ କାଠ ବୋଝେଇ ଟ୍ରାକ୍ଟର କୁ ଅଟକ ରଖିଥିଲେ। ଏହି ସମୟରେ ଗ୍ରାମବାସୀ ଓ ବନ୍ୟ ପ୍ରାଣୀ କର୍ମଚାରୀ ଙ୍କ ମଧ୍ୟରେ ଗଣ୍ଡଗୋଳ ର ସୂଚନା ପାଇ ମହୁଲଡ଼ିହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି କାଠ ବୋଝେଇ ଟ୍ରାକ୍ଟର କୁ ଥାନା କୁ ଆଣିଥିଲେ ।ଗ୍ରାମବାସୀ ମାନଙ୍କ ଦ୍ୱରା କାଠ ବୋଝେଇ ଟ୍ରାକ୍ଟର ଅଟକ ସମୟରେ ବନ୍ୟପ୍ରାଣୀ ବିଭାଗ ର ଫୋରେଷ୍ଟର ଙ୍କୁ ଗ୍ରାମବାସୀ ମାନେ ମାରପିଟ କରିଥିବାର ଅଭିଯୋଗ ଫୋରେଷ୍ଟର ଙ୍କ ପକ୍ଷରୁ ମହୁଲଡ଼ିହା ଥାନାରେ ହୋଇଛି। ମହୁଲଡିହା ପୋଲିସ ଏ ସଂକ୍ରାନ୍ତରେ କେଶ ନମ୍ବର ୩୧/୨୦୨୬ ଅନୁଯାୟୀ ମାମଲା ରୁଜୁ କରିଛି ।ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ୬ ଗୋଟି ପିଆ ଶାଳ ଗଣ୍ଡି ବୋଝେଇ ହୋଇ ଶିମିଳିପାଳ ଜଙ୍ଗଲ ଭିତରୁ ଆସୁଥିବା ବେଳେ କେଶଡ଼ିହା ଗ୍ରାମବାସୀ ଅଟକ ରଖିଥିଲେ ।ଅଟକ ପରେ କାଠ ବୋଝେଇ ଟ୍ରାକ୍ଟର ସହିତ ବାହାଘର ସେକ୍ସନ ର ଫୋରେଷ୍ଟର ଓ ଅନ୍ୟ କର୍ମଚାରୀ ମାନେ ଥିଲେ ।ଏହି ସମୟରେ ଗ୍ରାମବାସୀ ଓ ବନ୍ୟ ପ୍ରାଣୀ କର୍ମଚାରୀ ଙ୍କ ମଧ୍ୟରେ କାଠ ବୋଝେଇ ଟ୍ରାକ୍ଟର କୁ ନେଇ ଯୁକ୍ତିତର୍କ ହୋଇଥିଲା ।ଜଙ୍ଗଲ ରୁ କାଟି ପିଆଶାଳ ଗଣ୍ଡି କୁ ଚୋରା ଚାଲାଣ ହେଉଥିବାର ସନ୍ଦେହ କରି ଗ୍ରାମବାସୀ ଅଟକ ରଖିଥିବା କହୁଥିବା ବେଳେ କିନ୍ତୁ ବନ୍ୟ ପ୍ରାଣୀ ବିଭାଗ ଜବତ କାଠ ଗୁଡିକୁ ଅଣା ଯାଉଥିବା କଥା କହିଛି। ତେବେ ଗ୍ରାମବାସୀ ମଧ ଶିମିଳିପାଳ ରୁ ବିନା ନମ୍ବର ବିହୀନ ଟ୍ରାକ୍ଟର କାଠ ଗଣ୍ଡି ଯାଉଥିବା ରୁ ଆମେ ଅଟକ ରଖି ଥିଲୁ ପରେ ବନବିଭାଗ କର୍ମଚାରୀମାନେ ମାନେ ଆମକୁ ଗାଳିଗୁଲଜ କରିଥିବା ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

## ଜିଲ୍ଲା ସ୍ତରରେ ବିକଶିତ ଭାରତ ଯୁବ ସଂସଦ-୨୦୨୬ ଉତ୍ସାହର ସହ ପାଳିତ

ମାଲକାନଗିର(ମହାଭାରତ): ମାଲକାନଗିରି ଜିଲ୍ଲା ସ୍ଥିତ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଯୁବ ସଂସଦ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଉତ୍କର୍ଷ ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଓ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଏବଂ ଜାତୀୟ ଶିକ୍ଷା ଯୋଜନା ବ୍ୟୁରୋ ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଯୁବମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନେତୃତ୍ୱ ଗୁଣ ଓ ରାଷ୍ଟ୍ର ଗଠନରେ ସକ୍ରିୟ ଭାଗିଦାରି ସୃଷ୍ଟି କରିବାୟ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଯୁବ ପ୍ରତିନିଧିମାନେ ସଂସଦୀୟ ପ୍ରଣାଳୀକୁ ଅନୁସରଣ କରି ନିଜ ମତାମତ ପ୍ରକାଶ କରିଥିଲେ। ସେମାନେ ଦେଶର ଉନ୍ନତି, ଶିକ୍ଷା, ପରିବେଶ ସୁରକ୍ଷା, ଡିଜିଟାଲ ଭାରତ, ରୋଜଗାର ସୃଷ୍ଟି ପରି ବିଭିନ୍ନ ଜ୍ୱଳନ୍ତ ବିଷୟ ଉପରେ ତର୍କବିତର୍କ କରି ନିଜ ଦୃଢ ମତ ପ୍ରସ୍ତୁତ କରିଥିଲେ ।ଉଦ୍ଘାଟନୀ ଅଧିବେଶନରେ ଅଧ୍ୟାପିକା ସ୍ୱାଇଲ ବୈଷ୍ଣବ ସମସ୍ତ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ସମସ୍ତ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଏକ ଓଡିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସମସ୍ତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ଥିଲା । ପରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ଆଲୋକ କୁମାର ପାତ୍ର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦାନ କରିଥିଲେ ମାନ୍ୟବର ମୁଖ୍ୟ ଅତିଥି- ଶ୍ରୀ ନରସିଂହ ମାଡକାମୀ, ମାନ୍ୟବର ବିଧାୟକ, ମାଲକାନଗିରି, ଆଦରଣୀୟ ସମ୍ମାନିତ ଅତିଥି -ଶ୍ରୀ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ପାଳ, ମାଲକାନଗିରି,ଆଦରଣୀୟ ସମ୍ମାନିତ ଅତିଥି- ଯୁବ ଆଦର୍ଶ ବ୍ୟକ୍ତିତ୍ୱ ଶ୍ରୀ ସତବୀର ସିଙ୍ଗ୍ ରିଆର , ଭାରତୀୟ କ୍ରିକେଟ ଟିମର ପୂର୍ବତନ ମ୍ୟାନେଜେର ଏବଂ କାର୍ଯ୍ୟକ୍ରମର ପରିଚାଳକ ଡ. ଦେବାଶିଷ ପାହି (ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର ଓ ଭିବିଏୱାଇପି ସମନ୍ୱୟକାରୀ)। ମହାବିଦ୍ୟାଳୟର ଅଧକ୍ଷ ଡ଼. ଆଲୋକ କୁମାର ପାତ୍ର ସ୍ୱାଗତ ଭାଷଣରେ କହିଥିଲେ ଯେ, ଯୁବମାନେ ଦେଶର ଭବିଷ୍ୟତ ଓ ସେମାନଙ୍କର ସଚେତନ ଭାଗିଦାରି ମାଧ୍ୟମରେ ଦେଶକୁ ବିକଶିତ ଭାରତ ରୂପେ ଗଢ଼ି ତୋଳାଯାଇପାରିବ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ମାଲକାନଗିରି ଶ୍ରୀ ନରସିଂହ ମାଡକାମୀ ଯୋଗଦେଇ ଯୁବମାନଙ୍କୁ ଗଣତନ୍ତ୍ରର ମୂଳ ଆଦର୍ଶକୁ ଅନୁସରଣ କରି ସଚେତନ ନାଗରିକ ହେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଯୁବପିଢ଼ୀଙ୍କୁ ନେତୃତ୍ୱ ଓ ନବଚେତନାର ମାଧ୍ୟମରେ ସମାଜ ପରିବର୍ତ୍ତନର ଦୂତ ହେବାକୁ ପ୍ରେରିତ କରିଥିଲେ। ଆଉ ଏକ ସମ୍ମାନିତ ଅତିଥି ଭାବେ ଯୁବ ଆଦର୍ଶ ବ୍ୟକ୍ତିତ୍ୱ ଶ୍ରୀ ସତବୀର ସିଂହ ରିଆର, ଭାରତୀୟ କ୍ରିକେଟ ଟିମର ପୂର୍ବତନ ମ୍ୟାନେଜର, ଯୁବମାନଙ୍କୁ ଶୃଙ୍ଖଳା, ପରିଶ୍ରମ ଓ ଦୃଢ଼ ସଙ୍କଳ୍ପର ମହ□ ବିଷୟରେ ଉଦ୍ବୋଧନ ଦେଇଥିଲେ। ଉଦ୍ଘାଟନୀ ପର୍ବ ଶେଷରେ ମହାବିଦ୍ୟାଳୟର ଅଧକ୍ଷ ଡ. ଆଲୋକ କୁମାର ପାତ୍ର ସମସ୍ତ ଅତିଥି ମାନଙ୍କୁ ସ୍ମୃତି ଫଳକ ଓ ଉପାୟନ ପ୍ରଦାନ ପୂର୍ବକ ଡ଼. ଦେବାଶିଷ ପାହିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରି ଉଦ୍ଘାଟନୀ ପର୍ବ ସମାପ୍ତ କରିଥିଲେ।

## ୧୯୮୨ ମସିହା ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ବ୍ୟାଚ ର ବନ୍ଧୁ ମିଳନ



ପାରାଦୀପ(ମହାଭାରତ) ପାରାଦୀପ ବନ୍ଦର ର ସର୍ବପୁରାତନ ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ବେଶ ଚର୍ଚ୍ଚାରେ ରହିଛି। ଏହି ସ୍କୁଲର ୧୯୮୨ ମସିହା ବ୍ୟାଚର ଛାତ୍ରଛାତ୍ରୀ ମାନେ ଆରମ୍ଭ କରିଥିବା ସହପାଠୀ ସମାବେଶ ବନ୍ଧୁମିଳନ କାର୍ଯ୍ୟକ୍ରମ ଏକ ପରମ୍ପରା ରେ ପରିଣତ ହୋଇ ଯାଇଛି । ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ସ୍ଥିତ ଜୟଦେବ ବାଟିକା ପ୍ରାଙ୍ଗଣରେ ଆୟୋଜିତ ଏକ ମଧୁର ସ୍ମୃତି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସହପାଠୀ ବନ୍ଧୁ ମାନେ ନିଜ ନିଜ ଭିତରେ ଭାବର ଆଦାନପ୍ରଦାନ ସହ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ଛାତ୍ର ଜୀବନର ପୁରୁଣା ସ୍ମୃତି ସାଉଁଟିଥିଲେ । ଏହି ପରିପେକ୍ଷୀରେ ପ୍ରାଣ ହରାଇଥିବା ୭ ଜଣ ସହପାଠୀ ବନ୍ଧୁଙ୍କ ପାଇଁ ଦୁଇ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା ସହପାଠୀ ମାନଙ୍କ ଭିତରେ ଏକତା ଆଉ ଅତୁଟ ବନ୍ଧନକୁ ବଜାଇ ରଖିବାକୁ ଏଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ କିପରି ଆହୁରି ସରସ ସୁନ୍ଦର କରିହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଆୟୋଜକ ମାନେ ସହପାଠୀ ବନ୍ଧୁ ମାନଙ୍କୁ ଏକାଠି କରି ଗୋଟିଏ ସୂତାରେ ବାନ୍ଧି ରଖିବା ପାଇଁ ଆୟୋଜକ କୁମରବର ନାୟକ ଓ କୈଳାଶ ଚନ୍ଦ୍ର ମଲ୍ଲିକ କାମନା କରିଥିଲେ । ଏଥିରେ ସାଙ୍ଗ ମାନଙ୍କ ମଧ୍ୟରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ସୁସ୍ୱାଦୁ ଭୋଜନ ବ୍ୟବସ୍ଥା କରାଯାଇଥିଲା । ଶେଷରେ ସମସ୍ତ ବନ୍ଧୁମାନଙ୍କର ଉତ୍ତୋରଉର କାମନା କରି ଆଗାମୀ ବର୍ଷ ଏକାଠି ହେବାର ପ୍ରତିଶୃତି ଦେଇ ବନ୍ଧୁ ଓ ବାନ୍ଧବୀ ମାନେ ପରସ୍ପର ଠାରୁ ବିଦାୟ ନେଇଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଳକଇଠା,ବାଘଶାଳା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ-୯୬ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୮୧ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୫ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧୦ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ୍ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ଉତଥାନ ଓ ପତନ ପରେ ସମ୍ପର୍କ ନିବିଡ଼ କରିବା ଲକ୍ଷ୍ୟରେ ଭାରତ-କାନାଡା

ନୂଆଦିଲ୍ଲୀ : କାନାଡା ଓ ଭାରତ ମଧ୍ୟରେ ସମ୍ପର୍କ ଉତ୍ଥାନ-ପତନ ଦେଇ ଗତି କରୁଥିବା ସମ୍ପର୍କକୁ ଦୁଇଦେଶ ପକ୍ଷରୁ ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି । ଏହି ପରିପ୍ରେକ୍ଷୀରେ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଭାରତ ଗସ୍ତରେ ଅଛନ୍ତି । ସୋମବାର ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ସାକ୍ଷାତ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ହୋଇଥିଲା । ସେଠାରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଥିଲେ ।



ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ କାର୍ନି ବାଣିଜ୍ୟ, ଶକ୍ତି ଏବଂ ନୂତନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଏକ ବିସ୍ତୃତ କାର୍ଯ୍ୟ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଛି । ବୈଠକ ପରେ, ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଏକ ପ୍ରେସ୍ ବିବୃତି ପ୍ରକାଶ କରାଯାଇଛି । ଏହା ପରେ ଭାରତ ମଣ୍ଡପମରେ ଭାରତ-କାନାଡା ସିଇଓ ଫୋରମ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି । ଏହି ଫୋରମ୍ ବାଣିଜ୍ୟ, ନିବେଶ ଏବଂ ଆର୍ଥିକ ସମ୍ପର୍କକୁ ଆହୁରି ନିବିଡ଼ କରିବା ପାଇଁ ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ କାର୍ନି ତାଙ୍କ ଗସ୍ତ ସମୟରେ କୃଷି, ଶିକ୍ଷା, ଶକ୍ତି, ଗବେଷଣା ଏବଂ ନବସୃଜନ ସମେତ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ସହଯୋଗର ସମୀକ୍ଷା କରିଛନ୍ତି । ସେ ଦୁଇ ଦେଶ ମଧ୍ୟରେ ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ମଧ୍ୟ ଆଲୋଚନା କରିଛନ୍ତି ।

## ପରିବାରର ୪ଜଣଙ୍କୁ ହତ୍ୟା

ଲକ୍ଷ୍ନୌ : ଉତ୍ତର ପ୍ରଦେଶର ବହରାଇଚ ଜିଲାରୁ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି । ରୂପାଇଡିହା ଥାନା ଅଞ୍ଚଳ ଅନ୍ତର୍ଗତ ବସନ୍ତପୁର ଉଦଲ (ରାମନଗର) ଗାଁରେ ରବିବାର ବିଳମ୍ବିତ ରାତିରେ ବିଭତ୍ସ ହତ୍ୟାକାଣ୍ଡ ହୋଇଛି । ସାମାନ୍ୟ ବିବାଦକୁ ନେଇ ଘରର ପୁଅ ନିଜ ପରିବାରର ଚାରି ଜଣଙ୍କୁ କୁରାଢ଼ିରେ ନିର୍ମମ ଭାବରେ ହତ୍ୟା କରିଛନ୍ତି । ଏହି ରକ୍ତାକ୍ତ ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଘରେ ଉପସ୍ଥିତ ଥିବା ଏକ ନିର୍ଦ୍ଦୋଷ ଶିଶୁ ଚମତ୍କାର ଭାବରେ ଅକ୍ଷତ ଅବସ୍ଥାରେ ବଞ୍ଚିଯାଇଛି । ଘଟଣାଟି ରାତି ପ୍ରାୟ ୧୨ଟା୩୦ ସମୟରେ ଘଟିଥିଲା । ବିଳମ୍ବିତ ରାତିରେ ହଠାତ୍ ବଦଲୁ ରାମଙ୍କ ଘରୁ ଚିତ୍କାର ଶୁଭିଥିଲା । କୁହାଯାଉଛି ଯେ ଭାଇମାନେ ଏବଂ ସେମାନଙ୍କ ବାପା ଜମି ଏବଂ ଅଳଙ୍କାର ବିକ୍ରୟରୁ ମିଳିଥିବା ଟଙ୍କା ବାଣ୍ଟିବା ନେଇ ଯୁକ୍ତିତର୍କ କରୁଥିଲେ ।

## କୁଏତରେ ଥିବା ଆମେରିକା ଦୂତାବାସ ଉପରକୁ ଇରାନର ଡ୍ରୋନ୍ ଓ ମିସାଇଲ ମାଡ଼



କୁଏତ : କୁଏତରେ ଥିବା ଆମେରିକା ଦୂତାବାସ ଉପରକୁ ଆକ୍ରମଣ । ଇରାନର ଡ୍ରୋନ୍ ଓ ମିସାଇଲ ମାଡ଼ । ସୋମବାର ସକାଳେ କୁଏତ ସିଟିରେ ଥିବା ଆମେରିକା ଦୂତାବାସ ପରିସରରୁ କଳା ଧୂଆଁ ଓ ନିଆଁ ବାହାରୁଥିବା ଦେଖାଯାଇଛି । ଇରାନ ପକ୍ଷରୁ କରାଯାଇଥିବା ବଡ଼ ଧରଣର ଡ୍ରୋନ୍ ଏବଂ ମିସାଇଲ ଆକ୍ରମଣ ଯୋଗୁଁ ଏହି ଅଘଟଣ ଘଟିଥିବା କୁହାଯାଉଛି । ଏହା ଫଳରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦ ଆହୁରି ଗୁରୁତର ରୂପ ନେଇଛି । ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଦୂତାବାସ ପରିସରରୁ ପ୍ରବଳ ଧୂଆଁ ବାହାରୁଛି । ଘଟଣାସ୍ଥଳକୁ ଦମକଳ ବାହିନୀ ଓ ଆମ୍ବୁଲାନ୍ସ ପଠାଯାଇଛି । ଏହା ଏକ ସିଧାସଳଖ ଆକ୍ରମଣ ବୋଲି କୁହାଯାଉଥିଲେ ମଧ୍ୟ ଆମେରିକା ଦୂତାବାସ ପକ୍ଷରୁ ଏଯାଏଁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଆମେରିକା ଦୂତାବାସ ନିଜ ନାଗରିକଙ୍କ ପାଇଁ ଜରୁରୀ ସୂଚନା ଜାରି କରି କହିଛି, କୁଏତରେ ମିସାଇଲ ଓ ଡ୍ରୋନ୍ ଆକ୍ରମଣର ଭୟ ରହିଛି । କେହି ଦୂତାବାସକୁ ଆସନ୍ତୁ ନାହିଁ । ନିଜ ଘରର ସବୁଠାରୁ ନିମ୍ନ ମହଲାରେ ରୁହନ୍ତୁ ଏବଂ ଝରକାଠାରୁ ଦୂରେଇ ରୁହନ୍ତୁ । ବାହାରକୁ ଯାଆନ୍ତୁ ନାହିଁ ବୋଲି ସତର୍କ ସୂଚନା ଜାରି ହୋଇଛି । କୁଏତର ବାୟୁସେନା ଅନେକ ଶତ୍ରୁ ଡ୍ରୋନକୁ ଆକାଶରେ ହିଁ ନଷ୍ଟ କରିଦେଇଛି । ତେବେ ଇରାନ କେବଳ କୁଏତ ନୁହେଁ, ବରଂ ବାହାରିନ, କତାର ଏବଂ ୟୁଏଇ ଭଳି ଦେଶ ଉପରକୁ ମଧ୍ୟ ଆକ୍ରମଣ ଜାରି ରଖିଛି । ଆମେରିକା ସମେତ ୭ଟି ଦେଶ ଇରାନର ଏହି କାର୍ଯ୍ୟକୁ ନିନ୍ଦା କରିଛନ୍ତି ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଦିଲ୍ଲୀ ଏୟାରପୋର୍ଟରୁ ଅନେକ ଉଡ଼ାଣ ରଦ୍ଦ




ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ଅନେକ ଦେଶ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି । ଯାହା ବିଶ୍ୱ ବିମାନ ଚଳାଚଳ ଉପରେ ଗୁରୁତର ପ୍ରଭାବ ପକାଇଛି । ଏହାର ପ୍ରଭାବ ଭାରତରେ ମଧ୍ୟ ପଡିଛି । ଇରାନର ସୁପ୍ରିମ ଲିଡର ଆୟୁତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ପରେ ଅନେକ ସ୍ଥାନରେ ବିରୋଧ ପ୍ରଦର୍ଶନ ହେଉଛି । ମଧ୍ୟପ୍ରାଚ୍ୟରେ ସଂଘର୍ଷ ବଢୁଥିବା କାରଣରୁ ଦିଲ୍ଲୀ ଏୟାରପୋର୍ଟରେ ଉଡ଼ାଣ ପ୍ରଭାବିତ ହୋଇଛି । ଅନେକ ବିମାନ ବାତିଲ ହେବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଏହାରି ଭିତରେ ଏୟାର ଇଣ୍ଡିଆ ଘୋଷଣା କରିଛି ଯେ, ୨ ମାର୍ଚ୍ଚ ରାତି ୧୧:୫୯ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ, ଇସ୍ରାଏଲ ଏବଂ କତାରକୁ ସମସ୍ତ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିବ । ଏୟାର ଇଣ୍ଡିଆ ଯାତ୍ରୀମାନଙ୍କୁ ବିମାନ କମ୍ପାନୀର ସରକାରୀ ୱେବସାଇଟ୍ କିମ୍ବା କଷ୍ଟମର କେୟାର ମାଧ୍ୟମରେ ବିମାନବନ୍ଦରକୁ ଯିବା ପୂର୍ବରୁ ଏୟାରଲାଇନ୍ ଷ୍ଟାଟସ୍ ଯାଞ୍ଚ କରିବାକୁ ଅନୁରୋଧ କରିଛି । ପରିସ୍ଥିତି ସମୀକ୍ଷା କରିବା ପରେ ହିଁ ଏହି ସେବା ଗୁଡ଼ିକର ପୁନଃଆରମ୍ଭ ବିଷୟରେ ବିଚାର କରାଯିବ । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ସାମରିକ ସଂଘର୍ଷ ଏବଂ ସମ୍ପ୍ରତି କ୍ଷେପଣାସ୍ତ୍ର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଆକାଶ ମାର୍ଗ ଅସୁରକ୍ଷିତ ହୋଇଯାଇ ଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନେକ ଦେଶ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି । ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷାକୁ ଆଖିରେ ରଖି ଏୟାର ଇଣ୍ଡିଆ ଏହି ରୁଟ୍ ଗୁଡ଼ିକରେ କାର୍ଯ୍ୟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ଏୟାର ଇଣ୍ଡିଆ ରବିବାର ୫୦ ଟି ଆନ୍ତର୍ଜାତୀୟ ଉଡ଼ାଣ ବାତିଲ କରିଛି । ୟୁଏଇର ଦୁବାଇ ଏବଂ ଆବୁଧାବି, ସାଉଦି ଆରବର ରିୟାଦ, ଜେଦ୍ଦା ଏବଂ ଦମ୍ମାମ, କତାରର ଦୋହା ଏବଂ ଇସ୍ରାଏଲର ତେଲ ଅଭିଭ ଅନ୍ତର୍ଭୁକ୍ତ । କମ୍ପାନୀ ପୁନଃ-ବୁକିଂ, ବିକଳ୍ପ ଯାତ୍ରା ବ୍ୟବସ୍ଥା ଏବଂ ସମ୍ଭବ ହେଲେ ରିଫଣ୍ଡରେ ମଧ୍ୟ ସହାୟତା କରୁଛି । ଯାତ୍ରୀମାନେ ସେମାନଙ୍କର ଟିକେଟ୍ ବାତିଲ କରିପାରିବେ ଏବଂ ସମ୍ପୂର୍ଣ୍ଣ ଫେରସ୍ତ ପାଇପାରିବେ । କୌଣସି ଅତିରିକ୍ତ ଶୁଳ୍କ ବିନା ଯାତ୍ରା ତାରିଖ ପରିବର୍ତ୍ତନ କରାଯାଇପାରିବ ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଆକାଶଛୁଆଁ ତୈଳ ଦର

ଇରାନ : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଆକାଶଛୁଆଁ ତେଲ ଦର । ଇସ୍ରାଏଲ-ଇରାନ ମଧ୍ୟରେ ବଢୁଥିବା ଯୁଦ୍ଧ ଯୋଗୁଁ ତୈଳ ଦରରେ ଲାଗିଛି ନିଆଁ । ଏହାରି ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୧୦ ପ୍ରତିଶତକୁ ବୃଦ୍ଧି ପାଇଛି । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ୭ରୁ ୧୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ସୋମବାର ବ୍ରେଣ୍ଟ କ୍ରୁଡ୍ ଦରରେ ୭ରୁ ୧୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି । ଯଦି ଯୁଦ୍ଧ ଜାରି ରହେ ତାହେଲେ ଆଗକୁ ତେଲ ଦର ଆହୁରି ବଢ଼ିବାର ଆଶଙ୍କା ରହିଛି । ଆନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ୍ ପିଛା ୮୨ ଡଲାର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୬ ହଜାର ୯୮୦ ଟଙ୍କା । ସେପଟେ ସମୁଦ୍ର ମଝିରେ ତେଲ ଟ୍ୟାଙ୍କର ଉପରେ ଆକ୍ରମଣ ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ହେବା ଭୟରେ ଚିନ୍ତାରେ ଅଛନ୍ତି ତେଲ କମ୍ପାନୀ । ଭାରତ ନିଜର ଆବଶ୍ୟକ ମୁତାବକ ୮୦ ପ୍ରତିଶତରୁ ଅଧିକ ତେଲ ଆମଦାନୀ କରିଥାଏ । ତେଣୁ ବିଶ୍ୱ ବଜାରରେ ଦର ବଢ଼ିଲେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିପାରେ । ଯାହା ମହଙ୍ଗା ମାଡ଼ର କାରଣ ହେବ ।

# ଆଫଗାନିସ୍ତାନ ଆକ୍ରମଣରେ ଥରିଲା ପାକିସ୍ତାନ, ନୁର ଖାନ ଏୟାରବେସ ସହିତ ଅନେକ ସ୍ଥାନରେ ଏୟାରଷ୍ଟ୍ରାଇକ

ଆଫଗାନିସ୍ତାନ : ବିଶ୍ୱର ଅନେକ ଦେଶରେ ବର୍ତ୍ତମାନ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଛି । ଏହି ସମୟରେ ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା କମିବାର କୌଣସି ନାଁ ଧରୁନି । ଗତ ଏକ ମାସ ଧରି, ଦୁଇ ଦେଶ ଯୁଦ୍ଧ ଭଳି ପରିସ୍ଥିତିରେ ଫସି ରହିଛନ୍ତି । ଏହି ସମୟରେ ତାଲିବାନ ସରକାର ଘୋଷଣା କରିଛି ଯେ, ଏହା ପାକିସ୍ତାନର ନୁର ଖାନ ଏୟାରବେସ ଉପରେ ଆକ୍ରମଣ କରିଛି । ରାୱଲପିଣ୍ଡିରେ ଅବସ୍ଥିତ ଏବଂ ପାକିସ୍ତାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏୟାରବେସ୍ ଭାବରେ ବିବେଚିତ ନୁର ଖାନ ଏୟାରବେସ୍ ଉପରେ ଆକ୍ରମଣ ପାଇଁ ତାଲିବାନ ସରକାର ଦାୟୀ ବୋଲି ଦାବି କରିଛି । ଜଣେ ତାଲିବାନ ମନ୍ତ୍ରୀ ଦାବି କରିଛନ୍ତି ଯେ,



ସେମାନଙ୍କର ଯୋଦ୍ଧାମାନେ ଡୁରାଣ୍ଡ ରେଖା ପାର କରି ପାକିସ୍ତାନୀ ଅଞ୍ଚଳରେ ପ୍ରବେଶ କରିଛନ୍ତି । ତାଲିବାନ ଅନୁଯାୟୀ, କ୍ୱେଟା ଏବଂ ଖାଇବର ପଖତୁନଖ୍ୱାରେ କିଛି ସାମରିକ ଘାଟି ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା । ଗତ ଚାରି ଦିନ ଧରି ଆଫଗାନିସ୍ତାନ ଏବଂ ପାକିସ୍ତାନ ନିରନ୍ତର ଆକ୍ରମଣ ଜାରି ରଖିଛି । ପାକିସ୍ତାନ ଏବଂ ଆଫଗାନିସ୍ତାନ ଏହି ଘଟଣା ବିଷୟରେ ଭିନ୍ନ ଭିନ୍ନ ଦାବି କରୁଛନ୍ତି । ତଥାପି, ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଏବେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ତାଲିବାନ ପାକିସ୍ତାନର ପ୍ରମୁଖ ସ୍ଥାନ ଉପରେ ଆକ୍ରମଣ କରିଥିବା ଦାବି କରିଛି । ନୁର ଖାନ ଏୟାରବେସ୍, ବଲୁଚିସ୍ତାନର କ୍ୱେଟାରେ ୧୨ତମ କୋର ମୁଖ୍ୟାଳୟ ଖୈବର ପଖତୁନଖ୍ୱାର ମହମ୍ମଦ ଅଞ୍ଚଳରେ ଏକ ସାମରିକ ଶିବିର ଉପରେ ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣ ପୂର୍ବରୁ ପାକିସ୍ତାନ ଦାବି କରିଥିଲା ଯେ, ୪୦୦ ରୁ ଅଧିକ ଆଫଗାନ ଲଢୁଆ ନିହତ ହୋଇଛନ୍ତି ଏବଂ ଶହ ଶହ ଆହତ ହୋଇଛନ୍ତି ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧକୁ ନେଇ ମୋଦିଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ବଢୁଥିବା ଆକ୍ରମଣକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୟାନ ସାମ୍ନାକୁ ଆସିଛି । ମୋଦି କହିଛନ୍ତି, ବିଶ୍ୱରେ ଚାଲିଥିବା ଅନେକ ତିକ୍ତତା ପାଇଁ ଭାରତର ଚିନ୍ତାଧାରା ସ୍ପଷ୍ଟ । ଆମେ ସବୁବେଳେ ଶାନ୍ତି ରଖିବା ପାଇଁ କହିଛୁ । ପଶ୍ଚିମ ଏସିଆରେ ବର୍ତ୍ତମାନ ସ୍ଥିତି ଆମ ପାଇଁ ଗଭୀର ଚିନ୍ତାର ବିଷୟ । ଆପୋଷ କଥାବାର୍ତ୍ତା ଏବଂ କୂଟନୈତିକ ସ୍ତରରେ ସମସ୍ୟାର ସମାଧାନ ବାହାର କରାଯାଇପାରିବ । ଏଠାରେ ଥିବା ସମସ୍ତ ଭାରତୀୟଙ୍କ ସୁରକ୍ଷା ପାଇଁ ଆମେ ସମସ୍ତ ଦେଶ ସହିତ ମିଶି କାମ କରିବୁ । ଇସ୍ରାଏଲ ଏବଂ ଆମେରିକା ଇରାନ ଉପରେ ଗୋଟିଏ ପରେ ଗୋଟିଏ ବଡ଼ ଆକ୍ରମଣ କରିଚାଲିଛନ୍ତି । ପ୍ରତିଶୋଧ ସ୍ୱରୂପ ଇରାନ ଇସ୍ରାଏଲ, ୟୁଏଇ, ବାହାରିନ, କତାର ଏବଂ କୁୱେତ ଭଳି ଅନେକ ମଧ୍ୟ-ପ୍ରାଚ୍ୟ ଦେଶ ଉପରେ ମଧ୍ୟ ବଡ଼ଧରଣର ଆକ୍ରମଣ କରିଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ଟେଲିଫୋନରେ କଥା ହୋଇଛନ୍ତି ।

## ଭାରତର ସବୁ ରାଜ୍ୟକୁ ହାଇ-ଆଲର୍ଟ ! ସମସ୍ତ ରାଜ୍ୟକୁ ଗୃହମନ୍ତ୍ରାଳୟର ଚିଠି

ନୂଆଦିଲ୍ଲୀ : ଭାରତର ସବୁ ରାଜ୍ୟକୁ ହାଇ-ଆଲର୍ଟ ! । ଗୃହ ମନ୍ତ୍ରଣାଳୟର ଚେତାବନୀ । ଖାମେନେଇଙ୍କ ମୃତ୍ୟୁ ପରେ ଭାରତରେ ବଢ଼ିଲା ଉତ୍ତେଜନା, ସଜାଗ ରହିବାକୁ ନିର୍ଦ୍ଦେଶ । ଖାମେନେଇଙ୍କ ମୃତ୍ୟୁକୁ ନେଇ ଭାରତରେ ହାଇ-ଆଲର୍ଟ । ସବୁ ରାଜ୍ୟକୁ କେନ୍ଦ୍ରର ଚେତାବନୀ । ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଭାରତରେ ସମ୍ଭାବ୍ୟ ବିରୋଧ ପ୍ରଦର୍ଶନ ଓ ହିଂସାକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସତର୍କ ସୂଚନା ଜାରି କରିଛି । ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜମ୍ମୁ-କାଶ୍ମୀର ଏବଂ ଲକ୍ଷ୍ନୌ ଭଳି ଅଞ୍ଚଳରେ ଖାମେନେଇଙ୍କ ମୃତ୍ୟୁକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଥିବାରୁ ପୋଲିସକୁ ସଜାଗ ରହିବାକୁ କୁହାଯାଇଛି ।

ଟାର୍ଗେଟରେ ବିଦେଶୀ ଦୂତାବାସ: ଆମେରିକା, ଇସ୍ରାଏଲ ଏବଂ ଇରାନର ଦୂତାବାସ ନିକଟରେ ସୁରକ୍ଷା ବଢ଼ାଇବାକୁ କେନ୍ଦ୍ର ନିର୍ଦ୍ଦେଶ ଦେଇଛି । ସେହିଭଳି କାଶ୍ମୀରର ଶ୍ରୀନଗର, ବୁଡଗାମ ଏବଂ ପୁଲୱାମାରେ ଲୋକମାନେ ରାସ୍ତାକୁ ଓହ୍ଲାଇ ଆମେରିକା ଓ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି କାଶ୍ମୀରରେ ଇଣ୍ଟରନେଟ୍ ସେବା ଉପରେ କଟକଣା ଲଗାଯାଇଛି । ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ରହିଛି, କୌଣସି ପ୍ରକାରର ଉତ୍ତେଜନାମୂଳକ ଭାଷଣ ବା ଗୁଜବ ଯେପରି ସାମ୍ପ୍ରଦାୟିକ ଅଶାନ୍ତି ସୃଷ୍ଟି ନ କରେ, ସେଥିପାଇଁ ସୋସିଆଲ ମିଡିଆ ଏବଂ ସ୍ଥାନୀୟ ନେତାଙ୍କ ଉପରେ ନଜର ରଖିବାକୁ କୁହାଯାଇଛି ।

## ଫିକା ପଡିବ ହୋଲି ! ୬ଟି ରାଜ୍ୟରେ ଝଡ ବର୍ଷା ପାଇଁ ସତର୍କତା ଜାରି

ନୂଆଦିଲ୍ଲୀ : ଉତ୍ତର-ପଶ୍ଚିମ ଭାରତରେ ଗ୍ରୀଷ୍ମ ଆରମ୍ଭ ହୋଇଛି । ଦିନବେଳା ସୂର୍ଯ୍ୟକିରଣ ପ୍ରବଳ ଗରମ ଆଣିଛି । ପାଣିପାଗ ବିଭାଗ ମଧ୍ୟ ଏହି ସପ୍ତାହରେ ଉତ୍ତର-ପଶ୍ଚିମ ଏବଂ ମଧ୍ୟ ଭାରତର କିଛି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି । ଘଣ୍ଟା ପ୍ରତି ୩୦ ରୁ ୩୫ କିଲୋମିଟର ବେଗରେ ଗରମ ପବନ ବହିପାରେ । ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ମଧ୍ୟ ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି । ଆଇଏମଡି ଅନୁଯାୟୀ, ଏହି ସପ୍ତାହରେ ଦେଶରେ ଦୁଇଟି ପଶ୍ଚିମ ଝଡ ସକ୍ରିୟ ହେବ।୪ ମାର୍ଚ୍ଚ ରାତିରେ ପଶ୍ଚିମ ହିମାଳୟ ଅଞ୍ଚଳରେ ଏକ ନୂତନ ପଶ୍ଚିମ ଝଡ ଆଶଙ୍କା କରାଯାଉଛି । ୬ ମାର୍ଚ୍ଚରେ ପଶ୍ଚିମ ହିମାଳୟ ଅଞ୍ଚଳରେ ଆଉ ଏକ ପଶ୍ଚିମ ଝଡ ମଧ୍ୟ ପହଞ୍ଚିପାରେ । ଆଇଏମଡି ଅନୁଯାୟୀ, ଏହି ସପ୍ତାହରେ ଆଶା କରାଯାଉଥିବା ଉଭୟ ପଶ୍ଚିମୀ ଝଡ ଦୁର୍ବଳ ହେବ, କିନ୍ତୁ ସେମାନଙ୍କର ପ୍ରଭାବରେ ୪ ରୁ ୮ ମାର୍ଚ୍ଚ ମଧ୍ୟରେ ଜମ୍ମୁ-କଶ୍ମୀରରେ ବର୍ଷା ଏବଂ ତୁଷାରପାତ ହେବ । ହିମାଚଳ ପ୍ରଦେଶରେ ୭ ଏବଂ ୮ ମାର୍ଚ୍ଚରେ ବର୍ଷା ଏବଂ ତୁଷାରପାତ ହୋଇପାରେ । ୮ ମାର୍ଚ୍ଚରେ ଉତ୍ତରାଖଣ୍ଡରେ ହାଲୁକା ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି ।

# ସୁଡ଼ଙ୍ଗରେ ଲୁଚାଇ ରଖିଥିବା ଡ୍ରୋନ୍ ଭିଡିଓ ଜାରି କରି ଇରାନ ହଜାଇଲା ଆମେରିକା-ଇସ୍ରାଏଲ ଆଖିର ନିଦ

ତେହେରାନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ, ଇରାନ ନିଜର ସାମରିକ ଶକ୍ତିର ଏପରି ଏକ ଟ୍ରେଲର୍ ଦେଖାଇଛି ଯାହା ସାରା ବିଶ୍ୱର ପ୍ରତିରକ୍ଷା ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି । ଇରାନ ସରକାରୀ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ଏହି ପ୍ରଚାର ଭିଡିଓରେ, ଭୂମିର ଶହ ଶହ ଫୁଟ ତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଦୃଶ୍ୟମାନ ହେଉଛି । ପାହାଡ଼ କାଟି ତିଆରି ଏହି ମାଇଲ ଲମ୍ବା ସୁଡ଼ଙ୍ଗରେ ନିୟୋଜିତ ମାରାତ୍ମକ ଡ୍ରୋନ୍, ଯେକୌଣସି ମୁହୂର୍ତ୍ତରେ ଉଡ଼ାଣ ଏବଂ ବିନାଶ କରିବାକୁ ପ୍ରସ୍ତୁତ ହୋଇ ରହିଥିବା ଦେଖାଯାଉଛି । ଏହି ଭିଡିଓ ବାର୍ତ୍ତା ମାଧ୍ୟମରେ ଇରାନ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ, ପ୍ରବଳ ଆକ୍ରମଣ ସତ୍ତ୍ୱେ, ଇରାନର ସାମରିକ ସଂକଳ୍ପ ଓ ପ୍ରତିଶୋଧ କ୍ଷମତା ଟିକେ ବି ହ୍ରାସ ପାଇନାହିଁ ।



ଇରାନର ସରକାରୀ ଖବର ସଂସ୍ଥା, ଫାର୍ସ, ଏକ ଭିଡିଓ ସେୟାର କରିଛି ଯାହା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଏକ ବିଶାଳ ନେଟୱାର୍କର ଝଲକ ପ୍ରଦାନ କରୁଛି । କ୍ଲିପ୍ ରେ ପର୍ବତ ତଳେ ଏକ ମାଇଲ ଲମ୍ବା ସୁଡ଼ଙ୍ଗ ନେଟୱାର୍କ ଦେଖାଯାଇଛି, ଯେଉଁଠାରେ ଶହ ଶହ ଘାତକ ଡ୍ରୋନ୍ ଧାଡ଼ି ଧାଡ଼ି ହୋଇ ରହିଥିବା ଦେଖିବାକୁ ମିଳୁଛି । ଡ୍ରୋନ୍ ଗୁଡିକ ଉନ୍ନତ ରକେଟ୍ ଲଞ୍ଚର୍ ଉପରେ ଲଗାଯାଇଛି, ଯେକୌଣସି ମୁହୂର୍ତ୍ତରେ ଶତ୍ରୁ ଉପରେ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଭଳି ମନେ ହେଉଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ବାରୁଦ ଯୁଦ୍ଧ ଏବେ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଫେରିବା ଅତ୍ୟନ୍ତ କଷ୍ଟକର ମନେ ହେଉଛି । କାରଣ ଏବେ ସେଠାରେ ଶକ୍ତିର ସ୍ପଷ୍ଟ ପ୍ରଦର୍ଶନ ହେଉଛି । ଇରାନର ଭୂତଳ ଭିଡିଓ ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ ଓ ଦୂତାବାସ ଘେରାବନ୍ଦୀର ରିପୋର୍ଟ ନିରନ୍ତର ଶିରୋନାମା ପାଲଟିଛି ।

ଏହି ଭୂତଳ ସୁଡ଼ଙ୍ଗଗୁଡ଼ିକର କାନ୍ଥରେ ଇରାନର ପତାକା ଓ ଦିବଂଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ବଡ଼ ବଡ଼ ଚିତ୍ର ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି, ଯାହା ଦେଶର ସାମରିକ ସଂକଳ୍ପକୁ ପ୍ରଦର୍ଶନ କରୁଛି । ନାଟକୀୟ ସଙ୍ଗୀତ ସହିତ ଏହି ଭିଡିଓଟି ଶତ୍ରୁ ରାଷ୍ଟ୍ରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ଏବଂ ଇରାନର ପ୍ରତିଶୋଧମୂଳକ କ୍ଷମତାକୁ ଉଜାଗର କରିବା ପାଇଁ ଡିଜାଇନ୍ କରାଯାଇଛି । ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଶକ୍ତି ପ୍ରଦର୍ଶନ ଆମେରିକା ଓ ଇସ୍ରାଏଲକୁ ଏକ ସିଧାସଳଖ ଚେତାବନୀ ଭାବରେ ଦର୍ଶାଯାଇଛି ଯେ, ଯଦି ଆକ୍ରମଣ ବୃଦ୍ଧି ପାଏ ତେବେ ଇରାନ ଚୁପ୍ ହୋଇ ବସି ରହିବ ନାହିଁ ।

ଭିଡିଓ ଜାରି କରିବାର ଇରାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱକୁ ପ୍ରଦର୍ଶନ କରିବା ଯେ, ଭୂତଳ ଅସ୍ତ୍ରାଗାର ବ୍ୟବହାର କରି ଯେକୌଣସି ସମୟରେ ଏକ ଘାତକ ପ୍ରତିଆକ୍ରମଣ ଆରମ୍ଭ କରିପାରିବ । ବିଶ୍ଳେଷକମାନଙ୍କ ଅନୁସାରେ ପ୍ରତିଶୋଧର କ୍ଷମତାର ଏଭଳି ପ୍ରଦର୍ଶନ ଏକ ଜଟିଳ ସାମରିକ ପରିବେଶରେ ଇରାନର ଉପସ୍ଥିତିକୁ ଦର୍ଶାଉଛି ଯାହାକୁ ଧ୍ୱଂସ କରିବା ଯେକୌଣସି ଦେଶ ପାଇଁ କଷ୍ଟକର ହେବ । ଏହି ଯୁଦ୍ଧ ସମୟରେ, ଇରାନ ସ୍ପଷ୍ଟ କରିଛି, ସାମରିକ ଶକ୍ତି ଭୂମି ଉପରେ ନୁହେଁ ବରଂ ଭୂମି ତଳେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଏହି ପ୍ରଚାର ଭିଡିଓ ପ୍ରକାଶ ପାଇବା ପରେ ଅନ୍ତର୍ଜାତୀୟ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ସରଗରମ ଆଲୋଚନା ହେବା ଆରମ୍ଭ ହୋଇଛି । ଏହା ବିଶ୍ୱ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ଏହି କ୍ଲିପ୍ ମାଧ୍ୟମରେ ଇରାନ ବାର୍ତ୍ତା ଦେଇଛି, ଆକ୍ରମଣର ମୁକାବିଲା କରିବା ପାଇଁ ନିଜ ପାଖରେ ଏକ ଅଭେଦ୍ୟ ଡ୍ରୋନ୍ ନେଟୱାର୍କ ଅଛି । ଆମେରିକା ଓ ଇସ୍ରାଏଲୀ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏହି ସୁଡ଼ଙ୍ଗଗୁଡ଼ିକର ସଠିକ୍ ସ୍ଥାନ ତଥା ସେଠାରେ ଗଚ୍ଛିତ ଅସ୍ତ୍ରଶସ୍ତ୍ର କେତେ ବିପଜ୍ଜନକ ତାହା ବିଶ୍ଳେଷଣ କରୁଛନ୍ତି ।

# ଜୁନ୍‌ରେ ଭାରତ-ଆଫଗାନିସ୍ତାନ ପୂର୍ଣ୍ଣାଙ୍ଗ ସିରିଜ



ନୂଆଦିଲ୍ଲୀ, ୨।୩: ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ(ବିସିସିଆଇ) ଆଫଗାନିସ୍ତାନର ଆଗାମୀ ଭାରତ ଗସ୍ତର କାର୍ଯ୍ୟସୂଚୀ ଘୋଷଣା କରିଛି। ଆଫଗାନିସ୍ତାନ ଟିମ୍ ଜୁନରେ ଭାରତ ଗସ୍ତ କରିବ। ଏହି ଗସ୍ତରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗୋଟିଏ ଟେଷ୍ଟ ଏବଂ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ଟେଷ୍ଟ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର ଅଂଶ ବିଶେଷ ହେବ ନାହିଁ । କାରଣ ଆଫଗାନିସ୍ତାନ ଡବ୍ଲ୍ୟୁଟିସିର ଅଂଶ ନୁହେଁ । ଜୁନ ୬ରେ ଦୁଇ ଦଳ ମଧ୍ୟରେ ଏକ ମାତ୍ର ଟେଷ୍ଟ ଖେଳାଯିବ । ଏହା ପରେ ଦିନିକିଆ ସିରିଜ୍ ଖେଳାଯିବ ।

ଏକମାତ୍ର ଟେଷ୍ଟ ଜୁନ ୬ରୁ ୧୦ ପର୍ଯ୍ୟନ୍ତ ନ୍ୟୁଚଣ୍ଡିଗଡରେ ଖେଳାଯିବ । ପ୍ରଥମ ଦିନିକିଆ ଜୁନ ୧୪ରେ ଧର୍ମଶାଳା, ଦ୍ୱିତୀୟ ଦିନିକିଆ ୧୭ରେ ଲଖନଉ ଏବଂ ତୃତୀୟ ଦିନିକିଆ ଜୁନ ୨୦ରେ ଚେନ୍ନାଇରେ ଖେଳାଯିବ । ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୧ଟା ୩୦ରୁ ଆରମ୍ଭ ହେବ ।

ଉଲ୍ଲେଖନୀୟ ଭାରତୀୟ ଦଳ ବର୍ତ୍ତମାନ ଟି-୨୦ ବିଶ୍ୱକପ୍ ଖେଳୁଛି। ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ମାର୍ଚ୍ଚ ୫ରେ ଇଂଲଣ୍ଡ ସହ ମୁକାବିଲା କରିବ ଭାରତ । ମାର୍ଚ୍ଚ ୮ରେ ଖେଳାଯିବ ଫାଇନାଲ୍ ମ୍ୟାଚ୍। ଏହା ପରେ ୨୦ ଦିନର ବିଶ୍ରାମ ନେବେ ଖେଳାଳି । ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ଆଇପିଏଲ୍ ୨୦୨୬। ଏହାର ଫାଇନାଲ୍ ମ୍ୟାଚ୍ ମେ ୩୧ରେ ଖେଳାଯିବ ।

ଆଫଗାନିସ୍ତାନ ୨୦୧୮ରେ ନିଜର ପ୍ରଥମ ଟେଷ୍ଟ ଭାରତ ବିପକ୍ଷରେ ଖେଳିଥିଲା । ଉକ୍ତ ମ୍ୟାଚ୍‌ରେ ଭାରତ ବିଶାଳ ବିଜୟ ହାସଲ କରିଥିଲା । ଭାରତ ଆଫଗାନିସ୍ତାନକୁ ଇନିଂସ ଓ ୨୬୨ ରନରେ ପରାସ୍ତ କରିଥିଲା। ଆଫଗାନିସ୍ତାନ ଏ ପର୍ଯ୍ୟନ୍ତ ୧୨ଟି ଟେଷ୍ଟ ଖେଳି ୪ଟି ଜିତିଥିବା ବେଳେ ୭ଟି ହାରିଛି ଏବଂ ଗୋଟିଏ ଡ୍ର ରହିଛି ।

# ପୂର୍ବାଞ୍ଚଳ ଅନ୍ତଃବିଶ୍ୱବିଦ୍ୟାଳୟ ଚେସ୍ ଉଦ୍‌ଘାଟିତ:

## ଭାଗନେଉଛନ୍ତି ୩୦ ବିଶ୍ୱବିଦ୍ୟାଳୟର ୩୦୦ ଖେଳାଳି ଓ ଅଧିକାରୀ

ଭୁବନେଶ୍ୱର, ୨।୩: କିଟ୍ ବିଶ୍ୱବିଦ୍ୟାଳୟଠାରେ ପୂର୍ବାଞ୍ଚଳ ଅନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଚେସ୍ ଚାମ୍ପିଅନସିପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଅନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପାଞ୍ଚ ଦିନିଆ ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ଠାରେ ଖେଳାଯାଉଛି। ପୂର୍ବାଞ୍ଚଳର ୩୦ ବିଶ୍ୱବିଦ୍ୟାଳୟର ୩୦୦ ଖେଳାଳି ଓ ଅଧିକାରୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାର ଶୀର୍ଷ ଚାରିଟି ଦଳ ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିବେ। ସୋମବାରର ଉଦ୍‌ଘାଟନୀ ଉତ୍ସବରେ କିଟ୍ ଓ କିସ୍‌ର କ୍ରୀଡା ମହାନିର୍ଦ୍ଦେଶକ ପ୍ରଫେସର୍ ଗଗନେନ୍ଦୁ ଦଦାସ, ଅନ୍ତର୍ଜାତୀୟ ମାଷ୍ଟର୍ ଶେଖର ଚନ୍ଦ୍ର ସାହୁ, ଫିଡେର ବରିଷ୍ଠ ଟ୍ରେନର୍ ତଥା ଏଆଇୟୁ ପର୍ଯ୍ୟବେକ୍ଷକ ଡ. ଧିନୁ ଏମ୍‌ଆର, କିସ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ କ୍ରୀଡା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ଏବଂ ଅଲ୍ ଓଡିଶା ଚେସ୍ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀ ଦଳ ଓ ଖେଳାଳିଙ୍କୁ ଶୁଭକାମନା ଜ୍ଞାପନ କରିବା ସହ ଖେଳୁଆଡ ମନୋଭାବକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ରାଷ୍ଟ୍ର ଗଠନ ଓ ସମଗ୍ର ଶିକ୍ଷା ଉପରେ ଶ୍ରୀ ସାମନ୍ତ ଗୁରୁତ୍ୱାରୋପ କରିଥିଲେ।



# ଜିଲ୍ଲା ଟେକ୍ସବାର ବଲାଙ୍ଗିର ଓ ଆୟକର ବିଭାଗ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

ବଲାଙ୍ଗିର, ୨।୩: - ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ ଠାରେ ଜିଲ୍ଲା ଟେକ୍ସ ଓକିଲ ସଂଘ ଓ ଆୟକର ବିଭାଗ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଅଛି । ପ୍ରଥମେ ରେଫରିମାନଙ୍କ ଉପସ୍ଥିତିରେ ଉଭୟ କ୍ୟାପଟେନ ଶାନ୍ତନୁ କୁମାର ଭୋଇ ଏବଂ ଅଜୟ କୁମାର ଟସ୍ ହୋଇ ଆୟକର ବିଭାଗ ଟସ୍ ଜିତି ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ଓକିଲ ସଂଘ ୧୫ ଓଭର ରେ ସମସ୍ତ ଓ୍ୱିକେଟ ହରାଇ ୭୦ ରନ୍ ସଂଗ୍ରହ କରିଥିଲେ ଏବଂ ଆୟକର ବିଭାଗ ୭୧ ରନ୍ ର ପିଛା କରି ବିଜୟ ହାସଲ କରିଥିଲେ । ଏକ ପୁରସ୍କାର ବିତରଣ ସଭାରେ ସଭାପତି ଶାନ୍ତନୁ କୁମାର ଭୋଇ, ବରିଷ୍ଠ ସଭ୍ୟ ଦୁଲିଚାନ୍ଦ ଅଗ୍ରୱାଲ, ନକୁଳ ଅଗ୍ରୱାଲ, ଅଶୋକ ଦାସ, ଆୟକର ଅଧିକାରୀ ଅଜୟ କୁମାର ଓ ଟୁନା କୁମାର ମଂଚାସିନ ଥାଇ ସଭାକୁ ସଂପାଦକ ପ୍ରଭଞ୍ଜନ ହୋତା ପରିଚାଳନା କରିଥିଲେ । ଆୟକର ବିଭାଗ ବିଜେତା, ଟେକ୍ସବାର ଉପବିଜେତା, ରତନା କରନ ମ୍ୟାନ ଅଫ୍ ଦି ମ୍ୟାଚ, ସନାତନ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ, ଦୀପକ ଛାପାଡିଆ ବେଷ୍ଟ ବୋଲର ପୁରସ୍କାର ପାଇଥିଲେ । ଏହି କାର୍ଯ୍ୟକ୍ରମକୁ ଗଣେଷ ପ୍ରସାଦ ଦୀକ୍ଷିତ, ଶଶାଙ୍କ ପଟ୍ଟନାୟକ, ରାୟ କିଶୋର ଜେନା, ସନ୍ତୋଷ ଆନନ୍ଦ ମିଶ୍ର, ଆଶିଷ ଦୀକ୍ଷିତ, ଅଭିଷେକ ଅଗ୍ରୱାଲ, ସାର୍ଥକ ପଟ୍ଟନାୟକ, ସରୋଜ କୁମାର ମାଝି, ସଞ୍ଜିବ ମାଝି, ଆଶୁତୋଷ ଅଗ୍ରୱାଲ, କସ୍ତୁବ ଥପା ତଥା ବହୁତ ଟେକ୍ସ ଓକିଲ ଓ ଚାର୍ଟାର୍ଡ ଏକାଉଣ୍ଟେଣ୍ଟମାନେ ସହଯୋଗ କରିଥିଲେ।



# ଯୁଦ୍ଧରେ କେତେ କ୍ଷତି ସହିବ ୟୁଏଇ

ନୂଆଦିଲ୍ଲୀ, ୨।୩ : ବଢୁଛି ଯୁଦ୍ଧ, ଯାଉଛି ଅନେକ ଜୀବନ । ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ବିବାଦ ଏବେ ଚରମ ସୀମାରେ। ଏମାନଙ୍କ ଉପରେ ଏବେ ସାରା ବିଶ୍ୱର ନଜର ରହିଛି । ଇରାନର ଆକ୍ରମଣ ପରେ ଏବେ ସମଗ୍ର ମଧ୍ୟପ୍ରାଚ୍ୟ ଥରି ଉଠିଛି । ମଧ୍ୟପ୍ରାଚ୍ୟ ଦେଶମାନଙ୍କ ମଧ୍ୟରେ ରହିଥିବା ୟୁଏଇରେ ଆକ୍ରମଣ କରାଯାଇଥିବା ଖବର ସାମ୍ନାକୁ ଆସିଛି । ୟୁଏଇର ରାଜଧାନୀଦୁବାଇର ପ୍ରମୁଖ ସ୍ଥାନମାନଙ୍କୁ ମଧ୍ୟ ଟାର୍ଗେଟ କରାଯାଇଛି । ଦୁବାଇରେ ନିୟମିତ ଭାବେ କ୍ରିକେଟ ମ୍ୟାଚ୍ ଖେଳାଯାଉଥିବାବେଳେ ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି । ଏବେ ଆକ୍ରମଣ ପରେ ସେଠାରେ କେତେ କ୍ଷତି ହେବ ଅନ୍ୟ ଦେଶମାନେ ସେଠାକୁ ମ୍ୟାଚ୍ ଖେଳିବାକୁ ଯିବେ ତ ? ଏମିତି ଅନେକ ପ୍ରଶ୍ନ ମଧ୍ୟ ଉଠିଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ଏହି ଯୁଦ୍ଧ ଚାଲିଥିବାବେଳେ ଏବେ ଦୁବାଇରେ ମ୍ୟାଚ୍ ଖେଳାଯିବାକୁ ଅଛି କି ? ତାହେଲେ ଯଦି କହିବା ତାହେଲେ ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ଏଠାରେ ମ୍ୟାଚ୍ ଖେଳାଯିବାକୁ ଅଛି । ଏହି ମାର୍ଚ୍ଚ ମାସରେ ଖେଳାଯିବାକୁ ସିଡ୍ୟୁଲ୍ ରହିଛି । ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଖେଳାଯିବାକୁ କାର୍ଯ୍ୟକ୍ରମ ରହିଛି । ଆସନ୍ତା ୧୫ ତାରିଖରୁ ୨୦ ତାରିଖ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି । ମାର୍ଚ୍ଚ ୨୦,୨୨ ଏବଂ ୨୫ ତାରିଖରେ ଖେଳାଯିବ ମ୍ୟାଚ୍ । ମାତ୍ର ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ହେଉଥିବାବେଳେ ଏହି ସିରିଜ୍ ଖେଳାଯିବ କି ନାହିଁ ଏହାକୁ ନେଇ କେ ?ଣସି ପ୍ରତିକ୍ରିୟା ମିଳିନାହିଁ । ଏହାସହ ବାତିଲ୍ ହେବ ନାଁ ଭେନ୍ୟୁ ବଦଳିବ ଜଣାପଡ଼ିନାହିଁ । ମାତ୍ର ଯୁଦ୍ଧ ଯଦି ଏଭଳି ଭାବେ ଲାଗି ରହେ ତାହେଲେ ମ୍ୟାଚ୍ ବାତିଲ୍ ହେବାର ଆଶଙ୍କା ଅଧିକ ରହିଛି । ଯଦି ମ୍ୟାଚ୍ ଖେଳାନଯାଏ ତାହେଲେ ଅନେକ କ୍ଷତି ସହିବାକୁ ପଡ଼ିବ । ଦୁବାଇରେ ପୂର୍ବରୁ ଆଇପିଏଲର ମ୍ୟାଚ୍ ସହ ବଡ଼ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଛି । ଯାହାଦ୍ୱାରା ବୋର୍ଡ ବହୁ ଲାଭ ମଧ୍ୟ ପାଇଛି ।

# ପାକିସ୍ତାନ ଖେଳାଳିଙ୍କ ଉପରେ ଲାଗିଲା ମୋଟା ଅଙ୍କର ଫାଇନ



ଲାହୋର, ୨।୩(ମହାଭାରତ): ଚଳିତ ଟି-୨୦ ବିଶ୍ୱକପରେ ଭାରତ ଠାରୁ ଗ୍ରୁପ ପର୍ଯ୍ୟାୟରେ ହାରିଥିବା ପାକିସ୍ତାନ ସୁପର ୮ରୁ ଆଗକୁ ଯାଇ ପାରିନାହିଁ। ଦଳର ପ୍ରଦର୍ଶନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ପାକିସ୍ତାନ କ୍ରିକେଟ ଟିମ ସେମି ଫାଇନାଲକୁ ଯିବାରେ ବିଫଳ ହେବା ଓ ଭାରତ ଠାରୁ ଗ୍ରୁପ ପର୍ଯ୍ୟାୟରେ ହାରିଥିବାରୁ ଏବେ ସେମାନଙ୍କ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଜାତୀୟ ଟିମର ଖେଳାଳିଙ୍କ ଉପରେ ମୋଟା ଅଙ୍କର ଜୋରିମାନା ଲଗାଇଛି ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି। ଜାତୀୟ ଟିମର ଖେଳାଳିଙ୍କ ଉପରେ ପିସିବି ପାକିସ୍ତାନ ମୁଦ୍ରା ୫ ମିଲିୟନ ବା ୧୬.୨୮ ଲକ୍ଷ ଟଙ୍କା ଲେଖାଏ ଫାଇନ ଲାଗୁ କରିଛି। ଏନେଇ ଏକ୍ସପ୍ରେସ ଟ୍ରିବ୍ୟୁନରେ ଖବର ପ୍ରକାଶ ପାଇଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଜୋରିମାନା ଲାଗୁ ନିଷ୍ପତ୍ତି ପିସିବି ଭାରତ ବିପକ୍ଷ ମ୍ୟାଚ୍ ପାକିସ୍ତାନ ହାରିବା ପରଠାରୁ ନେଇ ସାରିଥିଲା। କିନ୍ତୁ ପାକିସ୍ତାନ ସୁପର ୮ରୁ ବିଦା ହେବା ପରେ ଜୋରିମାନା ନିର୍ଦ୍ଦେଶ ଖବର ସାମ୍ନାକୁ ଆସିଛି। ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରେ ଭାରତ ଠାରୁ ହାରିଥିଲେ ମଧ୍ୟ ସୁପର ୮କୁ ଯାଇଥିଲା।

ଦଳ ସେଠାରେ ଇଂଲଣ୍ଡ ଠାରୁ ହାରିଥିଲା ଓ ଶ୍ରୀଲଙ୍କା ଠାରୁ ମାତ୍ର ୫ ରନରେ ଜିତିଥିଲା। ଶ୍ରୀଲଙ୍କା ବିପକ୍ଷ ବିଜୟ ସତ୍ତ୍ୱେ ଦୁର୍ବଳ ରନ ରେଟ ପାଇଁ ପାକିସ୍ତାନ ସେମିରେ ପହଞ୍ଚି ପାରି ନାହିଁ। ଟି-୨୦ ବିଶ୍ୱକପରେ ପାକିସ୍ତାନ ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବାରୁ ପିସିବି ଅଧିକାରୀମାନେ ଏହାକୁ ନେଇ କ୍ଷୁବ୍ଧ ରହିଛନ୍ତି।

ପୁଣି ଗୋଟିଏ ଆଇସିସି ଇଭେଣ୍ଟରେ ପାକିସ୍ତାନ ସେମିରେ ପହଞ୍ଚିବାକୁ ବିଫଳ ହୋଇଥିବାରୁ ପିସିବି ସେମାନଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛି। ସେହିପରି ପାକିସ୍ତାନ ଖେଳାଳିଙ୍କ ବିଶ୍ୱକପ ପ୍ରଦର୍ଶନକୁ ଦେଶର ଅନେକ ପୂର୍ବତନ ଖେଳାଳି ସମାଲୋଚନା କରିଛନ୍ତି।

ତେଣୁ ଆଗାମୀ ଦିନରେ ପାକିସ୍ତାନ ଟି-୨୦ ଅଧିନାୟକ ସଲମାନ ଅଲୀ ଆଗାଙ୍କ ପଦବୀ ମଧ୍ୟ ଯାଇପାରେ। ସେହିପରି କୋଚ୍ ମାଇକ ହେସନଙ୍କୁ ବି ପିସିବି ବିଦା କରିପାରେ। ପାକିସ୍ତାନର ବ୍ୟାଟିଂ ସବୁଠାରୁ ଚିନ୍ତାଜନକ ରହିଥିବାରୁ ଏହା ଉପରେ ପିସିବି ବିଶେଷ ଧ୍ୟାନ ଦେବାକୁ ଚିନ୍ତା କରୁଛି।

ଦଳରେ ଥିବା ବାବର ଆଜମ, ଅଧିନାୟକ ସଲମାନ ଅଲୀ, ଶାଦାବ ଖାନ, ଶାହୀନ ଶାହ ଆଫ୍ରିଦି ଓ ମହମ୍ମଦ ନୱାଜଙ୍କୁ ତୀବ୍ର ସମାଲୋଚନାର ସାମ୍ନା କରିବାକୁ ପଡିଛି। ଏପରି କି ସଲମାନ ଅଲୀ ଆଗା ପାକିସ୍ତାନ ଫେରିବା ପରେ ଅଧିନାୟକ ପଦରୁ ଇସ୍ତଫା ଦେବେ ବୋଲି ମଧ୍ୟ ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

# ଟି-୨୦ ବିଶ୍ୱକପରେ ଛକା-ଚୌକା ମାରି ଇତିହାସ ରଚିଲା ଭାରତ

ନୂଆଦିଲ୍ଲୀ, ୨/୩ : ଟି-୨୦ ବିଶ୍ୱକପରେ ଦମଦାର ପ୍ରଦର୍ଶନ ଜାରି ରଖିଛି ଭାରତ । ରବିବାର ଓ୍ୱେଷ୍ଟଇଣ୍ଡିଜକୁ ହରାଇ ସେମିଫାଇନାଲରେ ପହଞ୍ଚିଛି । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ନିଜର ପ୍ରଭାବ ଜାରି ରଖିଛନ୍ତି । ଟି-୨୦ ବିଶ୍ୱକପରେ ସର୍ବାଧିକ ଛକା- ଚୌକା ମାରିବାର ରେକର୍ଡ ନିଜ ନାମରେ କରିଛି ଭାରତ । ଟୁର୍ଣ୍ଣାମେଣ୍ଟରେ ୧୭୯ ବାଉଣ୍ଡରୀ ହାସଲ କରିସାରିଲାଣି ଭାରତ ।

ତେବେ ଏହା ପୂର୍ବରୁ ଭାରତ ନାମରେ ଏହି ରେକର୍ଡ ଥିଲା । ୨୦୨୪ ଟି-୨୦ ବିଶ୍ୱକପରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ୧୫୩ ଛକା-ଚୌକା ମାରିଥିଲେ । କିନ୍ତୁ ଏଥର ଭାରତ ୨୦୦ ପାର କରିବାର ସମ୍ଭାବନା ରହିଛି । ସେମି ଫାଇନାଲ ଏବଂ ଜିତିଲେ ଫାଇନାଲରେ ଆହୁରି ଅଧିକ ମାରିବାର ସମ୍ଭାବନା ରହିଛି ।

ଗୋଟିଏ ଟି-୨୦ ବିଶ୍ୱକପ ସିଜିନରେ ଦ୍ୱିତୀୟ ସ୍ଥାନରେ ରହିଛି ଓ୍ୱେଷ୍ଟଇଣ୍ଡିଜ୍ । ଏହି ଦଳ ୧୭୩ଟି ଛକା-ଚୌକା ମାରିଛି । ତୃତୀୟ ସ୍ଥାନରେ ସାଉଥ ଆଫ୍ରିକା ୧୫୭ ବାଉଣ୍ଡରୀ ହାସଲ କରିଛି । ଚତୁର୍ଥ ସ୍ଥାନରେ ଅଛି ଇଂଲଣ୍ଡ । ଯିଏକି ୧୪୩ ଛକା-ଚୌକା ମାରିଛି । ଭାରତ ସହ ଇଂଲଣ୍ଡ ସେମିରେ ଭେଟିବାକୁ ଯାଉଛି ।

ସେପଟେ ଟି-୨୦ ବିଶ୍ୱକପ ୨୦୨୬ରେ ଏଯାବତ ୬୯୯ ଛକା ଏବଂ ୧୩୪୦ ଚୌକା ମାରିସାରିଲେଣି ବ୍ୟାଟ୍ସମ୍ୟାନ୍ । ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ହାଇଭୋଲଟେଜ୍ ହେବାକୁ ଥିବାବେଳେ ଆଉ କେତେ ବଡ଼ ବାଉଣ୍ଡରୀ ଆସୁଛି ଏହା ଉପରେ ସମସ୍ତଙ୍କ ନଜର ରହିଛି ।



# ଫୋନ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟ ବନ୍ଦ କରିଥିଲି: ସଞ୍ଜୁ

କୋଲକାତା ୨।୩ : ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ କର ବା ମର ମ୍ୟାଚ୍‌ରେ ବିଜୟୀ ପାଳି ଖେଳିଥିବା ସଞ୍ଜୁ ସାମ୍‌ସନ୍ ଆତ୍ମବିଶ୍ୱାସ ନ ହରାଇବା ପାଇଁ ନିଜର ଫୋନ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟଗୁଡିକୁ ବନ୍ଦ କରି ଦେଇଥିଲେ।

ଭାରତର ୫ ଓ୍ୱିକେଟ୍ ବିଜୟ ପରେ ୫୦ ବଲ୍‌ରୁ ୯୭ ନଟଆଉଟ୍ ରନ୍ କରିଥିବା ୩୧ ବର୍ଷୀୟ ସାମ୍‌ସନ୍ କହିଛନ୍ତି ଯେ, 'ସଟ୍ ଚୟନ ଉପରେ ମୁଁ କାମ କରୁଥିଲି। ସମାନ ସେଟ୍‌ଅପ୍‌ରେ ପ୍ରଦର୍ଶନ କରୁଥିବାରୁ ବେଶୀ କିଛି ବଦଳାଇବାକୁ ଚାହୁ ନଥିଲି। ନିଜ ଉପରେ ବିଶ୍ୱାସ ରଖିଥିଲି। ଲଗାତାର ବିଫଳ ହେବା ପରେ ନିଜ ଫୋନ୍ ଓ ସୋସିଆଲ୍ ମିଡିଆ ଆକାଉଣ୍ଟ ବନ୍ଦ କରି ନିଜ କଥା ଶୁଣିଥିଲି। ଭଲ ମ୍ୟାଚ୍ ହୋଇଥିବାରୁ ବହୁତ ଖୁସି। ଲକ୍ଷ୍ୟ କଷ୍ଟକର ଥିଲା। ଆମର ବ୍ୟାଟିଂ ଶକ୍ତି ଏବଂ କାକର ପଡିବା ଦେଖି ଅନୁଭବ କଲି ଯେ ଇଡେନ୍ ଗାର୍ଡେନ୍ସରେ ୧୯୦ ରନ୍ ପିଛା କରିବା ସହଜ ହେବ। କିନ୍ତୁ ନିୟମିତ ଓ୍ୱିକେଟ୍ ହରାଇବା ଏକ ଚ୍ୟାଲେଞ୍ଜ ହୋଇଥିଲା। ହେଲେ ମୋର ଅଭିଜ୍ଞତା ଏଠାରେ ବଡ ଭୂମିକା ଗ୍ରହଣ କରିଥିଲା। ଭଲ ଆରମ୍ଭ ପାଇଥିଲି, ଯେତେବେଳେ ଓ୍ୱିକେଟ୍ ଖସିଲା, ଭାବିଲି ମୋତେ ଖେଳ ଶେଷ କରିବାକୁ ପଡିବ। ତାହା ହିଁ କଲି। ହେଲେ ଯିଏ ଯାହା ଚାହେ ତାହା ହୁଏନି। କିନ୍ତୁ ଏହି ଖେଳରେ ସେପରି ହେଲାନି ତେଣୁ ଈଶ୍ୱରଙ୍କ ପାଖରେ କୃତଜ୍ଞ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭଲ କରିପାରି ନଥିଲି। ଏହା ପରେ ମୁଁ ଆତ୍ମଚିନ୍ତନ କରି ପୁଣି ଭଲ କରିବାର ବାଟ ପାଇବାକୁ ଚେଷ୍ଟା କରିଥିଲି। ଏବେ ଭଲ କଲି ଏବଂ ବଡ ମ୍ୟାଚ୍ ଜିତାଇବାର ସ୍ୱପ୍ନ ପୂରଣ କରିପାରିଥିବାରୁ ବହୁତ ଖୁସି।'



# ଭାରତ-ଇଂଲଣ୍ଡ ମ୍ୟାଚ୍ ସମୟରେ ହେବ କି ପରିବର୍ତ୍ତନ

ନୂଆଦିଲ୍ଲୀ, ୨।୩ : ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଟି-୨୦ ବିଶ୍ୱକପ ୨୦୨୬ । ସୁପର-୮ ମୁକାବିଲା ଶେଷ ହୋଇଥିବାବେଳେ ସେମିଫାଇନାଲ ଟକ୍କର ହେବ । ୪ ଶ୍ରେଷ୍ଠ ଦଳ ନିଜର ସ୍ଥାନ ପକ୍କା କରିଥିବାବେଳେ କିଏ ଫାଇନାଲରେ ସ୍ଥାନ ପକ୍କା କରିବ ଏହାକୁ ନେଇ ଆରମ୍ଭ ହୋଇଗଲାଣି କଳ୍ପନାଜଳ୍ପନା । ଏହି ନକଆଉଟ୍ ପର୍ଯ୍ୟାୟରେ ଦକ୍ଷିଣଆଫ୍ରିକା ନ୍ୟୁଜିଲାଣ୍ଡ ଏବଂ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯିବ । ଯେଉଁ ଦଳ ହାରିବ ସିଧା ଘରକୁ ଫେରିବ ।ଉଭୟ ସେମିଫାଇନାଲ ପାଇଁ ଆଇସିସି ପକ୍ଷରୁ ଏକ ରିଜର୍ଭ ଡେ' ରହିଛି । ପାଗକୁ ଦୃଷ୍ଟିରେ ରଖି ଏହାକୁ ନିର୍ଣ୍ଣୟ ହେବ । ପ୍ରଥମେ ସ୍ଥିର ହୋଇଥିବା ଦିନ ମ୍ୟାଚ୍ ଖେଳାଯିବାକୁ ଚେଷ୍ଟା କରାଯିବ । ଯଦି ସେହିଦିନ ଅଧା ଖେଳ ହୁଏ ଆଉ ବର୍ଷା ହୁଏ ତାହେଲେ ତାପର ଦିନ ରିଜର୍ଭ ଡେ'ରେ ଅଧାରୁ ମ୍ୟାଚ୍ ଆରମ୍ଭ ହେବ । ଯଦି ସେହିଦିନ ମ୍ୟାଚ୍ ଜମା ବଲ ପଡ଼ି ନପାରେ ତାହେଲେ ପରଦିନ ମ୍ୟାଚ୍ ଖେଳାଯିବ । ଉଭୟ ସେମିଫାଇନାଲର ସମୟ ସନ୍ଧ୍ୟା ୭ଟା ରହିଛି । ମାତ୍ର ରିଜର୍ଭ ଡେର ସମୟ ଦିନ ୩ଟା ରହିଛି ।

ସେମିଫାଇନାଲ ଦିନ ବର୍ଷା ହେଲେ ୯୦ ମିନିଟର ସମୟ ବିଳମ୍ବ ରଖାଯାଇଥିବାବେଳେ ରିଜର୍ଭ ଡେ'ରେ ୧୨୦ ମିନିଟ୍ ରହିଛି । ଏହାସହ ଯଦି ବର୍ଷା ହୁଏ ଏବଂ ସମୟ ରହେ ବିଳମ୍ବ କାରଣରୁ ଓଭର କମାଯିବ । ୧୦ ଓଭରର ଖେଳ ମଧ୍ୟ ହୋଇପାରେ । କିନ୍ତୁ ଭାରତରେ ସମସ୍ତ ସେମିଫାଇନାଲ ଖେଳାଯିବାକୁ ଥିବାବେଳେ ଦେଶର ପାଣିପାଗ ବିଭାଗ ପକ୍ଷରୁ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ । ଏଣୁ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଖେଳାଯିବ ବୋଲି ଆଶା ରଖାଯାଇଛି ।



# ବାହାରିନରେ ଫସିଛନ୍ତି ଶତାଧିକ ଏଫ୍୧ ଷ୍ଟାଫ୍

ମନମା, ୨।୩: ଫର୍ମୁଲା-୧ ରେସିଂ ସହ ଜଡ଼ିତ ଶତାଧିକ ଷ୍ଟାଫ ବାହାରିନରେ ଫସି ରହିଛନ୍ତି। ମିଡିଲ ଇଷ୍ଟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ସେମାନଙ୍କୁ ସ୍ୱଦେଶ ଫେରିବାକୁ ବାଟ ମିଳୁ ନାହିଁ। ମର୍ସିଡିଜ ଓ ମ୍ୟାକଲରେନ ଭଳି ଦଳର ଷ୍ଟାଫଙ୍କ ସହ ଟାୟର ଯୋଗାଣକାରୀ କମ୍ପାନୀ ପିରେଲିର ଷ୍ଟାଫ୍ ସେମାନଙ୍କ ହୋଟେଲରେ ରହିଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ବାହାରିନ ତା'ର ବାୟୁ ସୀମା ବନ୍ଦ କରି ଦେଇଛି। ବାୟୁ ସୀମା ବନ୍ଦ ହେବା ପୂର୍ବରୁ ଯେଉଁମାନେ ବାହାରିନରୁ ଯାଇଛନ୍ତି, ସେମାନଙ୍କୁ ହଂକଂ ଓ ସିଙ୍ଗାପୁର ଦେଇ ମେଲବୋର୍ନ ନିଆଯାଇଛି। ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିକୁ ଆଉ କିଛି ଦିନ ଥିବା ବେଳେ ବାହାରିନର ବାୟୁ ସୀମା କେବେ ଖୋଲିବ, ତାହାକୁ ନେଇ ଅନିଶ୍ଚିତତା ରହିଛି। ଶନିବାରେ ସାଖିରଠାରେ ମିଶାଇଲ ମାଡ ହେବା ପରେ ପିରେଲି ପକ୍ଷରୁ ଓଦା ପାଣିପାଗରେ ହେବାକୁ ଥିବା ଟେଷ୍ଟିଂ ଡ୍ରାଇଭକୁ ସ୍ଥଗିତ କରି ଦିଆଯାଇଛି।

# ସ୍ୱଦେଶ ଫେରିପାରୁନାହିଁ ଜିମ୍ବାୱେ ଦଳ

ନୂଆଦିଲ୍ଲୀ, ୧।୩: ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଜିମ୍ବାୱେର ଅଭିଯାନ ଶେଷ ହୋଇଛି। ଦଳ ବର୍ତ୍ତମାନ ସ୍ୱଦେଶ ଫେରିବାକୁ ଥିବାବେଳେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ବର୍ତ୍ତମାନ ଦୁବାଇ ବିମାନବନ୍ଦରକୁ ବନ୍ଦ ରଖାଯାଇଥିବାରୁ ସେମାନଙ୍କ ପାଇଁ ସମସ୍ୟା ଉପୁଜିଛି। ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଦଳ ସୋମବାରଠାରୁ ୩ଟି ପର୍ଯ୍ୟାୟରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସେମାନଙ୍କର ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ମୁଖ୍ୟ କୋଚ୍ ଜଷ୍ଟିନ ସାମନ୍ସ ସୂଚନା ଦେଇଛନ୍ତି। ଜିମ୍ବାୱେ ଅଲରାଉଣ୍ଡର ଗ୍ରେମ୍ କ୍ରେମର ବର୍ତ୍ତମାନ ଦୁବାଇରେ ଅଛନ୍ତି। ମଧ୍ୟପ୍ରାଚ୍ୟର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଆକାଶପଥ ବର୍ତ୍ତମାନ ପାଇଁ ବନ୍ଦ ରହିଥିବାରୁ ସେ ସ୍ୱଦେଶ ଫେରିପାରୁ ନାହାନ୍ତି।

# କୋହଲିଙ୍କ ରେକର୍ଡ ଭାଙ୍ଗିଲେ ସାମସନ

ତା, ୨।୩: ଭାରତୀୟ ଓପନର ସଞ୍ଜୁ ସାମସନ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ୫୦ ବଲରେ ଅପରାଜିତ ୯୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଟି୨୦ ବିଶ୍ୱକପ୍ ଇତିହାସରେ ଟାର୍ଗେଟର ପିଛା କରି ବିଜୟ ହାସଲ କରିବା କ୍ଷେତ୍ରରେ ଏହା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏଥିପୂର୍ବରୁ ଏହି ରେକର୍ଡ ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ନାମରେ ରହିଥିଲା। କୋହଲି ୨୦୨୨ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ଓ ୨୦୧୬ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ମୋହାଲିଠାରେ ଅପରାଜିତ ୮୨ ରନର ପାଳି ଖେଳିଥିଲେ। ଏହି ତାଲିକାରେ ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ୨୦୧୦ ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୭୯ ରନ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ